ବର୍ଷ-୨୪, ସଂଖ୍ୟା-୩୨୩
ଭୁବନେଶ୍ୱର
୨୮ ଡିସେମ୍ବର, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 323
Bhubaneswar
28 December, 2024 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ସ୍ମିଥ୍‌ଙ୍କ ଆଉ ଏକ ଶତକ



# ମନମୋହନଙ୍କ ଶେଷ ଦର୍ଶନ କଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ











**ନୂଆଦିଲ୍ଲୀ,୨୭।୧୨(ମହାଭାରତି):** ଗତକାଲି ଦିଲ୍ଲୀ ଏମ୍ସରେ ଶେଷ ନିଶ୍ୱାସ ତ୍ୟାଗ କରିଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଅନ୍ତିମ ସତ୍କାର ଆସନ୍ତାକାଲି ହେବ । ଗତକାଲି ବିଳମ୍ବିତ ରାତିରେ ସ୍ୱର୍ଗତ ସିଂହଙ୍କ ପାର୍ଥିବ ଶରୀର ତାଙ୍କ ବାସଭବନରେ ପହଞ୍ଚିଥିଲା। ଆଜି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ମାଣ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଛନ୍ତ। ଆସନ୍ତାକାଲି ଦିଲ୍ଲୀର ନିଗମବୋଧ ଘାଟ ନିକଟରେ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଅନ୍ତିମ ସଂସ୍କାର କରାଯିବ।

## ନିଗମବୋଧ ଘାଟରେ ହେବ ଶେଷକୃତ୍ୟ

ଆଜି ସକାଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ଜେପି ନଡ୍ଡା, ସିପିପି ସଭାପତି ସୋନିଆ ଗାନ୍ଧି, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ସାଂସଦ ପ୍ରିୟଙ୍କା ଗାନ୍ଧି ପ୍ରମୁଖ ମନମୋହନ ସିଂହଙ୍କ ବାସଭବନରେ ପହଞ୍ଚିଥିଲେ। ସେମାନେ ଏହି ଅମାୟିକ ତଥା ବିଦ୍ୱାନ ଜନପ୍ରିୟ ନେତାଙ୍କ ଅନ୍ତିମ ଦର୍ଶନ କରିବା ସହ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

ମନମୋହନଙ୍କ ପରିବାରରେ ପତ୍ନୀ ଓ ୩ ଝିଅ ଅଛନ୍ତି। ତାଙ୍କର ଜଣେ ଝିଅ ଆମେରିକାରେ ରହୁଥିବା ବେଳେ ସେ ଆସନ୍ତାକାଲି ପହଞ୍ଚିଲେ ଅନ୍ତିମ ସତ୍କାର କରାଯିବ ବୋଲି ଜଣାଯାଇଛି। ସୂଚନାନୁସାରେ, ମନମୋହନ ସିଂହଙ୍କ ପାର୍ଥିକ ଶରରର ଆସନ୍ତାକାଲି ସକାଳ ୮ଟା ବେଳେ ଏଆଇସିସି ମୁଖ୍ୟାଳୟ ଅଣାଯିବ, ଏଠାରେ ସାଧାରଣ ଲୋକେ ଓ କଂଗ୍ରେସର କାର୍ଯ୍ୟକର୍ତ୍ତା ସକାଳ ସାଢେ ୮ଟାରୁ ସାଢେ ୯ଟା ଯାଏ ଶ୍ରଦ୍ଧାଂଜଳି ଅର୍ପଣ କରିବେ। ତାଙ୍କ ଅନ୍ତିମ ଯାତ୍ରା କାଲି ସକାଳ ସାଢେ ୯ଟାରୁ ଏଆଇସିସି ମୁଖ୍ୟାଳୟରୁ ଆରମ୍ଭ ହେବ।

ମନମୋହନଙ୍କ ପରଲୋକରେ ୭ ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ସମସ୍ତ ସରକାରୀ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ସେହିପରି କଂଗ୍ରେସର ସ୍ଥାପନା ଦିବସ ସମାରୋହ ସହିତ ସମସ୍ତ ଔପଚାରିକ କାର୍ଯ୍ୟକ୍ରମ ଆଗାମୀ ୭ଦିନ ଯାଏ ରଦ୍ଦ କରାଯାଇଛି । କଂଗ୍ରେସ ପାର୍ଟିର ରାଷ୍ଟ୍ରୀୟ ମହାସଚିବ କେସି ବେଣୁଗୋପାଳ ଏହି ସୂଚନା ଦେଇଛନ୍ତି। ପାର୍ଟିର କାର୍ଯ୍ୟକ୍ରମ ଜାନୁୟାରୀ ୩ , ୨୦୨୫ରୁ ପୁଣି ଥରେ ଆରମ୍ଭ ହେବ। ଶୋକର ଏହି ଅବଧି ସମୟରେ ପାର୍ଟିର ପତାକା ଅର୍ଦ୍ଧନମିତ ରହିବ ।

## କେନ୍ଦ୍ର କ୍ୟାବିନେଟର ଶୋକ ପ୍ରକାଶ

ନୂଆଦିଲ୍ଲୀ,୨୭।୧୨(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ବିୟୋଗରେ ଶୋକ ସଂକଳ୍ପ ପାରିତ ହୋଇଛି। ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରି ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲା କ୍ୟାବିନେଟ୍ । ଏଥିସହିତ ୧ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ୭ ଦିନ ପାଇଁ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ଏହି ଶୋକ ପାଳନ ସମୟରେ ସାରା ଭାରତରେ ଜାତୀୟ ପତାକାକୁ ଅଧନମିତ କରାଯିବ।

ଆସନ୍ତା ୭ ଦିନ ଅର୍ଥାତ୍ ୧ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ବିଦେଶରେ ଥିବା ଭାରତୀୟ ଦୂତାବାସ/ଉଚ୍ଚାୟୁକ୍ତ କାର୍ଯ୍ୟାଳୟରେ ଉଡୁଥିବା ଜାତୀୟ ପତାକାକୁ ମଧ ଅଧନମିତ କରାଯିବ। ରାଷ୍ଟ୍ରୀୟ ମର୍ଯ୍ୟାଦାର ସହିତ ଡକ୍ଟର ମନମୋହନ ସିଂହଙ୍କର ଅନ୍ତିମ ସଂସ୍କାର କରାଯିବ । ଅନ୍ତିମ ସଂସ୍କାର ଦିନ କେନ୍ଦ୍ର ସରକାରଙ୍କ ସବୁ କାର୍ଯ୍ୟାଳୟ ଏବଂ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଅଧା ଦିନ ଛୁଟି ଘୋଷଣା କରାଯିବ।୨୬ ଡିସେମ୍ବର ୨୦୨୪ରେ ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କ ଦୁଃଖଦ ବିୟୋଗରେ କେନ୍ଦ୍ର କ୍ୟାବିନେଟ୍ ଗଭୀର ଦୁଃଖ ପ୍ରକାଶ କରିଛି।

## ସ୍ମାରକ ପାଇଁ ଉପଯୁକ୍ତ ସ୍ଥାନ ମାଗିଲା କଂଗ୍ରେସ

**ନୂଆଦିଲ୍ଲୀ,୨୭।୧୨:** ଆଜି ଦିଲ୍ଲୀ କଂଗ୍ରେସ ମୁଖ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆସନ୍ତାକାଲି ଶେଷକୃତ୍ୟ ସମ୍ପନ୍ନ ହେବ। ତେବେ ଏଭଳି ବ୍ୟକ୍ତିତ୍ୱଙ୍କ ସ୍ମାରକ କିଭଳି ନିର୍ମାଣ ହୋଇପାରିବ ସେନେଇ କଂଗ୍ରେସ ବୈଠକରେ ଆଲୋଚନା ହୋଇଥିଲା। କଂଗ୍ରେସ ସଭାପତି ଖଡଗେ ଏହି ଦାବି ନେଇ କେନ୍ଦ୍ର ସରକାରଙ୍କୁ ଏକ ଚିଠି ଲେଖିଛନ୍ତି। ଏପରିକି ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ସହ ଫୋନ ଯୋଗେ କଥା ହୋଇ ସ୍ୱର୍ଗୀୟ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଶେଷକୃତ୍ୟ ପାଇଁ ଉପଯୁକ୍ତ ସ୍ଥାନ ପ୍ରଦାନ କରିବାକୁ ମଧ ଖଡଗେ ନିବେଦନ କରିଥିବା ଜଣାପଡ଼ିଛି। କଂଗ୍ରେସ ଅଧ୍ୟକ୍ଷ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଲେଖିଥିବା ଚିଠିକୁ କଂଗ୍ରେସର ଅ।ଧିକାରୀକ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇଛି।ଯେଉଁଥିରେ ଲେଖାଯାଇଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଦେଶର ସୁଯୋଗ୍ୟ ସନ୍ତାନ ମନମୋହନ ସିଂହଙ୍କ ଶେଷକୃତ୍ୟ କେବଳ ସେହିଠାରେ କରାଯିବା ଉଚିତ, ଯେଉଁଠାରେ ତାଙ୍କ ସ୍ମୃତିରେ ସ୍ମାରକୀ ନିମ;ାଣ କରାଯାଇପାରିବ। ଦଳର ସଭାପତି ମଲ୍ଲିକାର୍ଜୁନ ଖଡଗେ, ସିପିପି ଅଧ୍ୟକ୍ଷା ସୋନିଅ। ଗାନ୍ଧି, ଲୋକସଭା ବିରୋଧୀ ଦଳର ନେତା ତଥା ସାଂସଦ ରାହୁଲ ଗାନ୍ଧି ଏବଂ ଅନ୍ୟ ଶୀର୍ଷ ନେତାଙ୍କ ଉପସ୍ଥିତିରେ କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ଆଜି କଂଗ୍ରେସ ମୁଖ୍ୟାଳୟରେ ଦଳର ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ସିପିପି ସଭାପତି ସୋନିଆ ଗାନ୍ଧୀ, ଲୋକସଭା ବିରୋଧୀ ଦଳର ନେତା ତଥା ସାଂସଦ ରାହୁଲ ଗାନ୍ଧୀ ଏବଂ ଅନ୍ୟ କଂଗ୍ରେସ ନେତାଙ୍କ ଉପସ୍ଥିତିରେ କଂଗ୍ରେସ କାର୍ଯ୍ୟକାରୀ କମିଟିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

## ଜଷ୍ଟିସ ବିଶ୍ୱନାଥ ରଥ ଓଡ଼ିଶା ଲ କମିଶନ ଅଧ୍ୟକ୍ଷ

**ଭୁବନେଶ୍ୱର,୨୭।୧୨(ମହାଭାରତ):** ରାଜ୍ୟ ସରକାର ଅ।ଜି ଓଡ଼ିଶା ଷ୍ଟେଟ୍ ଲ କମିଶନର ପୁନର୍ଗଠନ କରିଛନ୍ତି। ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ବିଶ୍ୱନାଥ ରଥଙ୍କୁ ଲ କମିଶନ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ଲ କମିଶନର ସଦସ୍ୟ ଭାବେ ଦୁଇଜଣ ବରିଷ୍ଠ ଆଡଭୋକେଟ୍ ସୂର୍ଯ୍ୟପ୍ରକାଶ ମିଶ୍ର ଓ ସୌରଚନ୍ଦ୍ର ମହାପାତ୍ରଙ୍କୁ ସାମିଲ କରାଯାଇଛି।



ଆଇନ ବିଭାଗ ପକ୍ଷରୁ ଆଜି ଶୁକ୍ରବାର ପ୍ରକାଶିତ ବିଜ୍ଞପ୍ତି ଅନୁସାରେ, ୨୦୧୬ ମାର୍ଚ୍ଚ ୧୬ତାରିଖରେ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଓଡ଼ିଶା ଷ୍ଟେଟ୍ ଲ କମିଶନର ପ୍ରାବଧାନ ଆଧାରରେ ଆଜି ଲ କମିଶନ ଗଠନ କରାଯାଇଛି। କମିଟିର ଅଧ୍ୟକ୍ଷ ଭାବେ ଜଷ୍ଟିସ ବିଶ୍ୱନାଥ ରଥଙ୍କ ସମେତ ଏକ୍ସ-ଅଫିସୋ ସଦସ୍ୟ ଭାବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଓ ଆଇନ ବିଭାଗର ପ୍ରମୁଖ ସଚିବଙ୍କୁ ସାମିଲ କରାଯାଇଛି । ସେହିପରି ଦୁଇଜଣ ବରିଷ୍ଠ ଆଡଭୋକେଟ୍ ଶ୍ରୀ ମିଶ୍ର ଓ ଶ୍ରୀ ମହାପାତ୍ର ଏହି କମିଟିରେ ସ୍ଥାନ ପାଇଛନ୍ତି।କମିଟିର ସଦସ୍ୟ ସଚିବ ଭାବେ ଜଣେ ଅତିରିକ୍ତ ସଚିବ ପାହ୍ୟାର ଅଫିସର କାର୍ଯ୍ୟ କରିବେ ଯିଏକି କମିଶନଙ୍କ ସଚିବ ମଧ ରହିବେ। ଆଜି ପୁନର୍ଗଠିତ ଏହି ଲ କମିଶନରେ ଅଧ୍ୟକ୍ଷଙ୍କୁ ମିଶାଇ ମୋଟ ୬ଜଣ ସଦସ୍ୟ ରହିଛନ୍ତି। ଏହି କମିଟି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସର୍ବାଧିକ ୩ବର୍ଷ। ନଚେତ ୭୦ବର୍ଷ ବୟସ ହେବା ପର୍ଯ୍ୟନ୍ତ(ଯେଉଁଟି ଆଗ ପଡ଼ିବ) ବୋଲି ଜଣାପଡ଼ିଛି। ଏହି କମିଟି ରାଜ୍ୟରେ ଅପ୍ରାସଙ୍ଗିକ ହୋଇପଡ଼ିଥିବା ବିଭିନ୍ନ ରାଜ୍ୟ ଆଇନର ତର୍ଜମା କରି ସେଦିଗରେ ରାଜ୍ୟ ସରକାରଙ୍କୁ ସୁପାରିଶ କରିବେ।



## ମୁଖ୍ୟମନ୍ତ୍ରୀଙ୍କ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୭।୧୨(ମହାଭାରତ):** ଆଜି ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ମନମୋହନ ସିଂହଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଗଣମାଧ୍ୟମକୁ ବିବୃତ୍ତି ଦେଇ କହିଥିଲେ ଯେ, ଦେଶର ମହାନ୍ ବରପୁତ୍ର ଡଃ ମନମୋହନ ସିଂହଙ୍କ ବିୟୋଗ ଅତ୍ୟନ୍ତ ଦୁଃଖଦାୟକ । ଅର୍ଥନୀତି କ୍ଷେତ୍ରରେ ତାଙ୍କ ଜ୍ଞାନ ଓ ଦକ୍ଷତା ପାଇଁ ସାରା ବିଶ୍ୱରେ ସେ ପ୍ରସିଦ୍ଧି ଅର୍ଜନ କରିଥିଲେ । ତାଙ୍କ ଉଦାର ଅର୍ଥନୈତିକ ନୀତି ଭାରତକୁ ବିଶ୍ୱର ଅର୍ଥନୀତି କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ପହଂଚାଇଥିଲା । ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶକୁ ସେ ତ୍ୱରାନ୍ୱିତ କରିଥିଲେ । ତାଙ୍କର ଜ୍ଞାନ, ଭଦ୍ରତା, ସାଧୁତା ଓ ଅମାୟିକ ସ୍ୱଭାବ ଯୋଗୁଁ ରାଜନୀତି କ୍ଷେତ୍ରରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇଥିଲା । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଂଟିଆ, ପୂର୍ବତନ ବିଧାୟକ ନାଉରୀ ନାୟକ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ ସ୍ୱର୍ଗତ ସିଂହଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ଶାହଙ୍କ ଓଡ଼ିଶାଗସ୍ତ ବାତିଲ୍

ଭୁବନେଶ୍ୱର,୨୭।୧୨(ମହାଭାରତ): କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଆସନ୍ତା ୨୮ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରରେ ପହଞ୍ଚିଥାନ୍ତେ। ହେଲେ ତାଙ୍କ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇଛି। ଏନେଇ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ସୂଚନା ଦେଇଛନ୍ତି। ତାଙ୍କ ସୂଚନା ମୁତାବକ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଦେହାନ୍ତ ପରେ ଏବେ ଦେଶ ଗୋଟିଏ ସପ୍ତାହ ପାଇଁ ଶୋକ ପାଳୁଛି।ଏହାକୁ ସମ୍ମାନ ଦେଇ ଗୃହମନ୍ତ୍ରୀ ତାଙ୍କ ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରିଛନ୍ତି।

## ୪୦ ଲକ୍ଷ ଜାଲ୍ ରାସନକାର୍ଡଧାରୀ ବାହାରିଲେଣି : ଯୋଗାଣ ମନ୍ତ୍ରୀ


ଭୁବନେଶ୍ୱର,୨୭।୧୨(ମହାଭାରତ): ରାସନକାର୍ଡ ନେଇ ବଡ଼ ସୂଚନା ରଖିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ବର୍ତ୍ତମାନ ସୁଦ୍ଧା ୪୦ ଲକ୍ଷ ଭୂତ ବା ଜାଲ୍ ରାସନ କାର୍ଡଧାରୀ ବାହାରିଲେଣି। ଗୋଟିଏ ଗୋଟିଏ ଜିଲ୍ଲାରୁ ଲକ୍ଷେରୁ ଦେଢ଼ ଲକ୍ଷ ରାସନ କାର୍ଡଧାରୀ ବାହାରୁଛନ୍ତି। ୨୪ବର୍ଷ ଧରି ଯାହା ଚାଲିଥିଲା ଆଉ ଚାଲିବନି। ଏବେ ବି ଇ-କେୱାଇସି ପ୍ରକ୍ରିୟା ଚାଲିଛି । ଶେଷ ହେବା ପାଇଁ ଅ।ଉ କିଛି ଦିନ ଲାଗିବ ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି।

ସେ ଅ।ହୁରି ମଧ କହିଛନ୍ତି ଯେ, ଅଦିନିଅ। ବର୍ଷା ଯୋଗୁଁ ଯେଉଁ ଚାଷୀ ମାନଙ୍କର କ୍ଷତି ହୋଇଛି ସେମାନଙ୍କୁ କ୍ଷତିପୂରଣ ଦେବେ ସରକାର । ଚାଷୀ ମାନେ ବିବ୍ରତ ହୁଅନ୍ତୁ ନାହିଁ ବୋଲି ଅପିଲ୍ କଲେ ଯୋଗାଣ ମନ୍ତ୍ରୀ। ତୁରନ୍ତ କ୍ଷୟକ୍ଷତି ଆକଳନ ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସେପଟେ ମନ୍ତ୍ରୀ ମାନଙ୍କୁ ଜିଲ୍ଲା ପ୍ରଭାରୀ ଦାୟିତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ। ଯୋଗାଣ ମନ୍ତ୍ରୀଙ୍କୁ ଅନୁଗୁଳ ଓ ସମ୍ବଲପୁର ଜିଲ୍ଲାର ଦାୟିତ୍ୱ ମିଳିଛି। ଦୁଇଟି ଜିଲ୍ଲାର ବିକାଶ କାମ ପାଇଁ ଅ।ବଶ୍ୟକ ପଦକ୍ଷେପ ନିଆଯିବ। ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ, ନେତା ଓ ଜନସାଧାରଣଙ୍କ ସହଯୋଗରେ କାମ କରାଯିବ। ସମ୍ବଲପୁର ଜିଲ୍ଲା ଚାଷୀ ମାନଙ୍କ ଜିଲ୍ଲା, ଅନୁଗୁଳ ଶିଳ୍ପ ବହୁଳ ଜିଲ୍ଲା। ତେଣୁ ସବୁ ଦିଗକୁ ଧ୍ୟାନ ଦେଇ କାର୍ଯ୍ୟ କରାଯିବ। ଲୋକଙ୍କ ନିଯୁକ୍ତି, ଲୋକଙ୍କ ଅ।ବଶ୍ୟକତାକୁ ଅ।ଧାର କରି ପଦକ୍ଷେପ ନିଆଯିବ। ବିଜେପି ସରକାରରେ ଲୋକଙ୍କ ପାଖରେ ଅଛି। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ ମାନେ ସାଧାରଣ ଲୋକଙ୍କ ସହ ମିଶୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି ଯୋଗାଣ ମନ୍ତ୍ରୀ।

## ବର୍ଷେ ବଢ଼ିଲା ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟକାଳ

ଭୁବନେଶ୍ୱର,୨୭।୧୨: ମୁଖ୍ୟ ଶାସନ ସଚିବ ମନୋଜ ଅ।ହୁଜାଙ୍କ କାର୍ଯ୍ୟକାଳ ରାଜ୍ୟ ସରକାର ବଢ଼ାଇଛନ୍ତି। ତାଙ୍କ କାର୍ଯ୍ୟକାଳକୁ ଅ।ଉ ବର୍ଷେ ବଢ଼ାଇ ଦେଇଛନ୍ତି। ଫଳରେ ୨୦୨୬ ଜାନୁଅ।ରୀ ୧ ତାରିଖ ପର୍ଯ୍ୟନ୍ତ ସେ ଏହି ପଦବୀରେ କାର୍ଯ୍ୟ କରିବେ।



ଆସନ୍ତା ୩୧ ତାରିଖରେ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ସରୁଥିଲା। ବିଜେପି ସରକାର ଗଠନ ପରେ ଜୁନ ୩୦ରେ ସରିଥିଲା ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ କାର୍ଯ୍ୟକାଳ। ଅ।ଉ ସେତେବେଳେ ଡେପୁଟେସନରୁ ଆସି ମୁଖ୍ୟ ସଚିବ ପଦରେ ବସିଥିଲେ ମନୋଜ ଆହୁଜା। ମାତ୍ର ୬ ମାସ ଭିତରେ ନୂଆ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ସଫଳ ହୋଇଛନ୍ତି ମନୋଜ ଆହୁଜା। ବିଶେଷ କରି ବିଜେପିର ନିର୍ବାଚନୀ ପ୍ରତିଶ୍ରୁତି ଗୁଡ଼ିକୁ ପୂରଣ କରିବାରେ ବଡ଼ ଭୂମିକା ନିଭାଇଛନ୍ତି। ଏ ଭିତରେ ରାଜ୍ୟରେ ପ୍ରଥମ ଥର ନାଭାଲ ଡେ, ଡିଜି ସମ୍ମିଳନୀର ସଫଳ ଆୟୋଜନ ହୋଇଥିବା ବେଳେ ଅ।ଗକୁ ପ୍ରବାସୀ ଭାରତୀୟ ସମ୍ମିଳନୀ ଅ।ୟୋଜନ ହେବାକୁ ଯାଉଛି।ମନୋଜ ଆହୁଜା କେନ୍ଦ୍ରୀୟ ଡେପୁଟେସନରେ ଥିଲେ। ସେ କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ସଚିବ ଥିଲେ। ରାଜ୍ୟରେ ବିଜେପି ସରକାର ଅ।ସିବା ପରେ କେନ୍ଦ୍ରୀୟ ଡେପୁଟେସନରେ ଥିବା ମନୋଜ ଆହୁଜାଙ୍କୁ ଓଡ଼ିଶା ଫେରାଇବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ।

## ନୂଆ ବର୍ଷ ସେଲିବ୍ରେସନ୍ ପୂର୍ବରୁ ଚେତାଇଲା ପୋଲିସ

**ଭୁବନେଶ୍ୱର, ୨୭।୧୨(ମହାଭାରତ) :** ଇଂରାଜୀ ନୂଆ। ବର୍ଷ ପାଳନ ପାଇଁ ଚାରିଅ।ଡେ ଅ।ରମ୍ଭ ହୋଇଗଲାଣି ଉତ୍ସବର ମାହୋଲ। ହୋଟେଲ, ଡ୍ୟାନ୍ସବାର, ପବ୍ ସମେତ କ୍ଲବରେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଅ।ଉ ଏହାରି ମଧ୍ୟରେ ନବ ବର୍ଷ ସେଲିବ୍ରେସନ୍ ବେଳେ ଯେପରି କୌଣସି ଅପରାଧ ନଘଟେ ତା' ଉପରେ ପ୍ରଶାସନ ନଜର ରଖିଛି। ଜିରୋ ନାଇଟ ସେଲିବ୍ରେସନ ବେଳେ ଚୋରା ମଦ ବିକ୍ରି ଉପରେ ଅବକାରୀ ବିଭାଗର ନଜର ରହିଛି। ଜିରୋ ନାଇଟ ପାଇଁ କୌଣସି ଅସ୍ଥାୟୀ ଲାଇସେନ୍ସ ଦିଅ।ଯିବ ନାହିଁ। ଜିରୋ ନାଇଟର ଅ।ଳ ଦେଖାଇ କେହି ଚୋରା ମଦ ବିକ୍ରି କରିପାରିବେ ନାହିଁ । ଚୋରା ମଦ ବିକ୍ରି କଲେ ସରକାର କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ଅ।ଜି ଅ।ଇନମନ୍ତ୍ରୀ କହିଛନ୍ତି।

ନୂଆ। ବର୍ଷ ଅ।ଉ ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ କମିଶନରେଟ ପୁଲିସ ମଧ ପ୍ରସ୍ତୁତ ହୋଇଯାଇଛି। ରାଜ୍ୟର ରାଜଧାନୀ ଭୁବନେଶ୍ୱରର ଅନେକ ଜାଗାରେ ନୂଅ। ବର୍ଷକୁ ଧୁମ୍ ଧାମରେ ପାଳନ କରାଯିବ। ସେଥିପାଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କମିଶନରେଟ ପୁଲିସ ପକ୍ଷରୁ ଲୋକଙ୍କ ସୁରକ୍ଷା ଓ ନିରାପତ୍ତାକୁ ଗୁରୁ ଦିଅ।ଯାଇଛି। ନୂଅ। ବର୍ଷ ସେଲିବ୍ରେସନ୍ ବେଳେ କିଭଳି କୌଣସି ବିଶୃଙ୍ଖଳା ନହେଉ ସେଥିପ୍ରତି ଦୃଷ୍ଟି ଦିଅ।ଯାଉଛି। ଯାହାକୁ ନେଇ ଅ।ଜି ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି ପୁଲିସ ପକ୍ଷରୁ 'ଡ୍ରଙ୍କ ଅ।ଣ୍ଡ ଡ୍ରାଇଭ୍' ଉପରେ ବେଶି ଗୁରୁତ୍ୱ ଦିଅ।ଯିବ।

ଭୁବନେଶ୍ୱର ଡିସିପି ପିନାକ ମିଶ୍ର କହିଛନ୍ତି ନୂଅ।ବର୍ଷ ପାଇଁ ୩୧ ଡେସେମ୍ବର ସନ୍ଧ୍ୟାରୁ ସାରା ସହରରେ ବ୍ଲକିଂ ଅ।ଉ ଚେକିଂ କଡ଼ାକଡ଼ି କରାଯିବ। ଜିରୋ ନାଇଟ୍ ସେଲିବ୍ରେସନ୍ କରନ୍ତୁ ହେଲେ ମଦ ପିଇ ଗାଡି ଚଳାନ୍ତୁ ନାହିଁ। ଯଦି ମଦ ପିଇ ପାର୍ଟି କରିବାକୁ ପ୍ଲାନ୍ ଅଛି, ତାହାଲେ ସାଙ୍ଗରେ ଡ୍ରାଇଭର୍ ଧରି ଅ।ସନ୍ତୁ। କିନ୍ତୁ ମଦ ପିଇ ନିଜେ ଗାଡି ଚଳାନ୍ତୁ ନାହିଁ। ଯଦି ଏପରି କରନ୍ତି ତେବେ ପୁଲିସ ଅ।ପଣଙ୍କୁ ଗିରଫ କରିବ।

ସେହିପରି ଡିସିପି ଅ।ହୁରି ମଧ କହିଛନ୍ତି ବିଶୃଙ୍ଖଳିତ ଅ।ଚରଣ ପ୍ରଦର୍ଶନକୁ ବରଦାସ୍ତ କରାଯିବ ନାହିଁ । ଯିଏ ବି ବିଶୃଙ୍ଖଳିତ ଅ।ଚରଣ କରିବ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସିସିଟିଭି ସର୍ଭେଲାନ୍ସରେ ରହିବ ସାରା ଭୁବନେଶ୍ୱର। ଅଘଟଣ ନହେବା ଉପରେ ଗୁରୁତ୍ୱ ଦିଅ।ଯିବ। ଯେଉଁମାନେ ପବ୍ଲିକ ପ୍ଲେସରେ ସେଲିବ୍ରେସନ୍ ପାର୍ଟି କରିବେ ସେମାନେ ଲାଇସେନ୍ସ ନେବାକୁ ବାଧ୍ୟ। ପ୍ରାଇଭେଟ୍ ପାର୍ଟି ପାଇଁ ଅ।ବଶ୍ୟକ ନାହିଁ ଲାଇସେନ୍ସ। ଚୋରା ମଦ କାରବାର ଉପରେ ନଜର ରଖିଛୁ। ଅବକାରୀ ବିଭାଗ ସାଙ୍ଗେ ମିଶି ରେଡ୍ ହେବ। ବ୍ଲକିଂ, ଏମଭି ଚେକିଂ, ହୋଟେଲ୍ ରେଡ୍, ଚୋରା ମଦ ଦୋକାନ ଉପରେ ରେଡ୍ ହେବ ଯ୍ୟ ସବୁ ଥାନାକୁ ଅର୍ଡର ଦିଅ।ଯାଇଛି ଚେକିଙ୍ଗ ପାଇଁ ଉତ୍ସବ ପାଳନ କରନ୍ତୁ ହେଲେ ନିୟମ ଭିତରେ ରୁହନ୍ତୁ ବୋଲି ଡିସିପି କହିଛନ୍ତି।

## ୨୯ରେ ପୁଣି ଭିଜାଇବ ବର୍ଷା

### ନୂଆବର୍ଷରେ ଶୁଖିଲା ରହିବ ପାଗ

ଭୁବନେଶ୍ୱର,୨୭।୧୨(ମହାଭାରତ): ନୂଅ।ବର୍ଷରେ ଶୁଖିଲା ରହିବ ପାଗ । ପ୍ରବଳ ଶୀତ ଏବଂ ଶୁଖିଲା ପାଗ ସହ ଇଂରାଜୀ ନବବର୍ଷକୁ ସ୍ୱାଗତ କରିବେ ରାଜ୍ୟବାସୀ । ଅ।ସନ୍ତା ୩୦ ରୁ ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଶୁଖିଲା ରହିବ ପାଗ । ମାତ୍ର ୨୮ ଏବଂ ୨୯ ତାରିଖରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ପ୍ରଭାବ ଦେଖେଇବ ପଶ୍ଚିମାଝଡ଼ । ଫଳରେ ଅଧିକାଂଶ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା। ୨୮ ତାରିଖରେ ବରଗଡ଼, ବଲାଙ୍ଗୀର, ନୂଆଅ।ପଡ଼ା, ଝାରସୁଗୁଡ଼ା, ସମ୍ବଲପୁର ଏବଂ ସୋନପୁର ଜିଲ୍ଲାର କିଛି କିଛି ସ୍ଥାନରେ ବର୍ଷା ସମ୍ଭାବନା ରହିଛି । ସେହିପରି ୨୯ ତାରିଖରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେଉଁଝର, କନ୍ଧମାଳ ଏବଂ କଳାହାଣ୍ଡି ଜିଲ୍ଲାରେ ବର୍ଷା ସମ୍ଭାବନା ରହିଥିବା ନେଇ ସୂଚନା ଦେଇଛି ଆଞ୍ଚଳିକ ପାଣିପାଗ ବିଭାଗ କେନ୍ଦ୍ର । ବିଗତ କିଛିଦିନ ହେବ ରାତିର ତାପମାତ୍ରା ଅସ୍ୱାଭାବିକ ବଢ଼ିଥିବା ବେଳେ ଆସନ୍ତା ୩ଦିନ ମଧ୍ୟରେ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ।

## ଚିକେନ ମଲାଇ ଟିକା

ଆବଶ୍ୟକ ସାମଗ୍ରୀ: ବୋନ୍ଲେସ୍ ଚିକେନ୍, ଅଦା, ରସୁଣ, ଲଙ୍କା ପେଷ୍ଟ, ଲେମ୍ବୁ ରସ, କାଜୁ ପେଷ୍ଟ, ମଲାଇ, ଦହି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା, ମହୁ, ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନ୍କୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ସେଥିରେ ଅଦା, ରସୁଣ, ଲଙ୍କା ପେଷ୍ଟ ଓ ଲେମ୍ବୁ ରସକୁ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ତାକୁ କିଛି ସମୟ ମ୍ୟାରିନେଟ୍ ପାଇଁ ଛାଡି ଦିଅନ୍ତୁ। ତା'ପରେ ଅନ୍ୟ ଏକ ପାତ୍ରରେ କାଜୁ ପେଷ୍ଟ, ମଲାଇ ଓ ଦହିକୁ ମିଶାନ୍ତୁ। ମ୍ୟାରିନେଟ୍ ହୋଇ ରହିଥିବା ଚିକେନ୍କୁ ସେଥିରେ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହାପରେ ସେଥିରେ ଗରମ ମସଲା, ଗୋଲମରିଚ ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, ଚାଟ୍ ମସଲା ପକାଇ ଗୋଳାଇ ଦିଅନ୍ତୁ।

ତା'ପରେ ସେଥିରେ ମହୁ, ଏବଂ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାନ୍ତୁ। ପୁଣି ଥରେ ମ୍ୟାରିନେଟ୍ କରିବା ଲାଗି ଅଧଘଣ୍ଟା ଯାଏ ଛାଡ଼ି ଦିଅନ୍ତୁ। ତା'ପରେ ଚିକେନ୍କୁ କାଠି ଭିତରେ ପୁରାଇ ରଖନ୍ତୁ। ପରେ କରେଇକୁ ଗରମ କରନ୍ତୁ। ସେଥିରେ ବଟର ପକାଇ କାଠି ଚିକେନକୁ ତା' ଉପରେ ରଖି ଦିଅନ୍ତୁ। ତାକୁ କିଛି ସମୟ ପାଇଁ ଢାଙ୍କି ଦିଅନ୍ତୁ। ଏହାର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଓଲଟାଇ ଦିଅନ୍ତୁ। ଦୁଇ ପାଖର ରଙ୍ଗ ବାଦାମୀ ହୋଇ ଆସିଲେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଚିକେନ୍ ଟିକା। ଏହାକୁ ଆପଣ ରୁଟି ଓ ଭାତ ସହ ଖାଇପାରିବେ।



### ଖବର

## ଜାନୁଆରୀ ୨ରୁ ତରଙ୍ଗ ପ୍ଲସରେ ନୂଆ ୱେବ୍ ସିରିଜ୍ 'ଚିଟ୍ ଫଣ୍ଡ'ର ଷ୍ଟ୍ରିମିଂ




ଜାନୁଆରୀ ୨ ତାରିଖରେ ତରଙ୍ଗ ପ୍ଲସରେ ଷ୍ଟ୍ରିମିଂ ହେବ ଏହାର ନୂଆ ୱେବ୍ ସିରିଜ୍ 'ଚିଟ୍ ଫଣ୍ଡ'। ମୟଙ୍କ ଶତପଥୀଙ୍କ ନିର୍ଦ୍ଦେଶନାରେ ତିଆରି ହୋଇଥିବା ଏହି ୱେବ୍ ସିରଜରେ କାହାଣୀ ଚିଟ୍ ଫଣ୍ଡ ଦୁର୍ନୀତି ଉପରେ ପର୍ଯ୍ୟବସିତ, ଯେଉଁଥିରେ ଓଡ଼ିଶାର ବହୁ ଲୋକଙ୍କର ଟଙ୍କା ବୁଡ଼ିଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ସତ୍ୟ ଘଟଣା ଉପରେ ଆଧାରିତ ଏଭଳି ଏକ କାହାଣୀକୁ ନବ ବର୍ଷରେ ୱେବ୍ ସରିଜ୍ ଜରିଆରେ ଦର୍ଶକଙ୍କୁ ଭେଟି ଦେବାକୁ ଯାଉଛି ଓଟିଟି ପ୍ଲାଟ୍ ଫର୍ମ ତରଙ୍ଗ ପ୍ଲସ୍।ୱେବ୍‌ସିରିଜ୍ 'ଚିଟ୍ ଫଣ୍ଡ'ର କାହାଣୀ ରଞ୍ଜନ ଶତପଥୀ ଲେଖିଥିବା ବେଳେ ନିର୍ଦ୍ଦେଶକ ମୟଙ୍କ ଶତପଥୀ ଚିତ୍ରନାଟ୍ୟ ଦାୟିତ୍ୱ ମଧ୍ୟ ସମ୍ଭାଳିଛନ୍ତି। ଅଭିଷେକ ଦାସ ଏହାର ସଂଳାପ ଲେଖିଥିବା ବେଳେ ପି▢ ନାୟକ ଓ ଆଦି ସ୍ୱୟଂଶୁ ଏଡିଟିଂ କରିଛନ୍ତି। ଲକ୍ଷ୍ମୀଧର ପଟ୍ଟନାୟକ ଏହି ୱେବ୍ ସିରିଜର ପ୍ରଯୋଜକ ରହିଥିବା ବେଳେ ଏଥିରେ ସାର୍ଥକ, ମୀରା, ବୀରଞ୍ଚି ନାୟକ, ଶ୍ୱେତଧା, କଲ୍ୟାଣ, ଉମାକାନ୍ତ ସାହୁ, ସୌମ୍ୟ ରଞ୍ଜନ ଜେନା, ସାରଦା, ସିଦ୍ଧି, ସୌରଭ ମହାପାତ୍ର, ଅଜୟ ଆଚାର୍ଯ୍ୟ, ତଥାଗତ, ଦିଲ୍ଲୀପ, ଅଶୋକ, ମାନସ, ଜୟ, ସୁଶୀଲ ମିଶ୍ର, ପ୍ରଦୀପ ଦେବତା, ସନ୍ତୋଷ ରଞ୍ଜନ ନାୟକ, ସମ୍ବିତ, ସତ୍ୟଜୀତ, ଏହସାନ ରାଜା, ସିଲୁ, ସିଜାନ ମହାପାତ୍ର ଓ ଚନ୍ଦନ ଭେଦୁଲା ପ୍ରମୁଖ ଅଭିନୟ କରିଛନ୍ତି। ନୂଆ ୱେବ୍ ସିରିଜ୍ 'ଚିଟ୍ ଫଣ୍ଡ'ର ଟ୍ରେଲର ଆଜି ରିଲିଜ୍ ହୋଇଯାଇଛି।

## ଟୁଥପେଷ୍ଟ ଦେବ ଚମକଦାର ତ୍ୱଚା

ଦାନ୍ତ ସଫା ପାଇଁ ଟୁଥପେଷ୍ଟର ବ୍ୟବହାର କରାଯାଏ ଯାହା ଦାନ୍ତକୁ ଧଳା ଏବଂ ଚମକଦାର କରାଏ । କିନ୍ତୁ ଆଜି ଆମେ ଆପଣଙ୍କୁ ଜଣାଇବୁ ଟୁଥପେଷ୍ଟ କେବଳ ଦାନ୍ତ ପାଇଁ ନୁହେଁ ବରଂ ଚମକଦାର ତ୍ୱଚା ପାଇଁ ମଧ୍ୟ ବହୁତ ଲାଗକାରୀ ହୋଇଥାଏ । ଟୁଥପେଷ୍ଟ ସାହାଯ୍ୟରେ ବ୍ରଣ, କଳା, ଦାଗ, ରିଙ୍କଲକୁ ଦୂର କରାଯାଇପାରିବ। ତେବେ ଆସନ୍ତୁ ଜାଣିବା ଟୁଥପେଷ୍ଟର ବ୍ୟବହାର କିପରି ଭାବେ ଟୁଥପେଷ୍ଟର ବ୍ୟବହାର କରି କ୍ଲିନ ଏବଂ ଗ୍ଲୋଇଂ ତ୍ୱଚା ପାଇପାରିବେ ।

ଲୋଚାକୁଚା ତ୍ୱଚାରୁ ଦେବ ମୁକ୍ତି: ଚେହେରାରେ ରିଙ୍କଲ ବା ଲୋଚାକୁଚା ହଟାଇବା ପାଇଁ ମଧ୍ୟ ଟୁଥପେଷ୍ଟ ସାହାଯ୍ୟ କରିଥାଏ । ଏଥିପାଇଁ ୧ଟେବୁଲ ଚାମଚ ଟୁଥପେଷ୍ଟରେ ୨ଟେବୁଲ ଚାମଚ କ୍ଷୀର ମିକ୍ସ କରନ୍ତୁ । ଏବେ ଏହି ମିଶ୍ରଣକୁ ତ୍ୱଚାରେ ଲଗାନ୍ତୁ ଦେଖିବେ ଏଥିରୁ ମୁକ୍ତି ମିଳିବ । ଏହାସହିତ ଟୁଥପେଷ୍ଟ ପ୍ରଭାବିତ ସ୍ଥାନରେ ଲଗାନ୍ତୁ। ରାତିସାରା ଏହାକୁ ଏମିତି ହିଁ ଲଗାଇ ରଖନ୍ତୁ । ସକାଳ ହେବା ପରେ ହିଁ ଫ୍ରେସ ପାଣିରେ ମୁହଁକୁ ସଫା କରନ୍ତୁ । ଏମିତି କିଛି ଦିନ ଲଗାତାର କରିବା ପରେ ରିଙ୍କଲ୍ କମ୍ ହେବାକୁ ଲାଗିବ ।

ଡାର୍କ ସ୍ପର୍ଟ ବା କଳା ଦାଗ : ଚେହେରାରେ ଡାର୍କ ସ୍ପର୍ଟ ବା କଳା ଦାଗର ସମସ୍ୟା ଥିଲେ ୧ଟେବୁଲ ଚାମଚ ଟୁଥପେଷ୍ଟରେ ୨ ବୁନ୍ଦା ଲେମ୍ବୁ ରସ ମିକ୍ସ କରନ୍ତୁ । ଅଳ୍ପ ସମୟ ପରେ ଚେହେରାକୁ ପାଣିରେ ଧୋଇ ଦିଅନ୍ତୁ। ଏହାକୁ ଲଗାତାର ୨ସପ୍ତାହ ଲଗାଇବା ଦ୍ୱାରା କଳା ଦାଗ ଦୂର ହେବାରେ ବହୁତ ସାହାଯ୍ୟ ମିଳିଥାଏ ।

ଜ୍ୱଳନ ଏବଂ କୁଣ୍ଡେଇ ହେବା ଠାରୁ ମିଳିବ ମୁକ୍ତି : ସାଧାରଣତଃ କୀଟ ପୋକ କାମୁଡିବା କାରଣରୁ ତ୍ୱଚା କୁଣ୍ଡେଇ ହୋଇଥାଏ । ଏମିତିରେ ପୋକ କାମୁଡିଥିବା ସ୍ଥାନରେ ଟୁଥପେଷ୍ଟ ଲଗାଇବା ଦ୍ୱାରା ମିଳିଥାଏ ।



## ପୁଦିନା ଚା' କେତେ ଉପକାରୀ

ପୁଦିନା ଏଥିରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ପୁଦିନା ପତ୍ର ଖାଇବା ଦ୍ୱାରା ନିଜ ଶରୀରକୁ ଅନେକ ରୋଗରୁ ସୁରକ୍ଷା ଦେଇପାରିବେ। ପୁଦିନାକୁ ଅନେକ ଚଟଣୀ ଭାବେ ଖାଦ୍ୟରେ ବ୍ୟବହାର କରିଥା'ନ୍ତି। କିନ୍ତୁ ଆପଣ କେବେ ପୁଦିନା ପତ୍ରର ଚା' ପିଇଛନ୍ତି କି ଯଦି ନୁହେଁ, ତେବେ ଆସନ୍ତୁ ପୁଦିନା ପତ୍ର ଚା' ତିଆରି କରିବାର ପ୍ରଣାଳୀ ଓ ଏହାର ଶରୀର ପାଇଁ ଉପକାରିତା ସମ୍ପର୍କରେ ଜାଣିବା।



ପୁଦିନା ପତ୍ରର ଚା' ଶରୀରରେ ରୋଗ ପ୍ରତିରାଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ଏହା ପାଚନ ପ୍ରକ୍ରିୟା ନିୟନ୍ତ୍ରଣ କରିବା ସହ ଏହାକୁ ସହଜ କରିଥାଏ। ପୁଦିନ ଚା' ପରିସ୍ରା ଜଳାପୋଡ଼ା ଦୂର କରେ ଏବଂ ଶ୍ୱାସଜନିତ ସମସ୍ୟା ଓ ଶ୍ୱାସ ନଳୀରେ ସଂକ୍ରମଣକୁ ଭଲ କରିଥାଏ।

ପୁଦିନା ପତ୍ରରୁ ପ୍ରସ୍ତୁତ ଚା' ମାନସିକ ଅବସାଦ ଦୂର କରେ। ଏପରିକି ଏହା ଶରୀରକୁ କ୍ୟାନସରୁ ସୁରକ୍ଷା ଦିଏ।

ପୁଦିନା ଚା' ତିଆରି ପାଇଁ ଆବଶ୍ୟକ ସାମଗ୍ରୀ

ପୁଦିନା ପତ୍ର, ଗୋଲ ମରିଚ, କଳା ଲୁଣ ଏବଂ ଆବଶ୍ୟକ ଅନୁସାରେ ପାଣି

ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ପ୍ୟାନରେ ପାଣି ଗରମ କରନ୍ତୁ। ସେଥିରେ ୮ରୁ ୧୦ ଟି ପୁଦିନା ପତ୍ର, ଗୋଲ ମରିଚ, କଳା ଲୁଣ ପକାଇ ପାଣିକୁ ଫୁଟାନ୍ତୁ। କିଛି ସମୟ ପରେ ଏହାକୁ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇ ଯାଇଛି ପୁଦିନା ଚା'। ଏହାକୁ ନିତିଦିନ ପିଅନ୍ତୁ ଏବଂ ନିଜ ସ୍ୱାସ୍ଥ୍ୟ ଓ ମନକୁ ସୁସ୍ଥ ରଖନ୍ତୁ।

## ଦେବକୁଣ୍ଡ ଓ ସୀତାକୁଣ୍ଡର ମହିମା



ଦେବକୁଣ୍ଡ ଓ ସୀତାକୁଣ୍ଡ ଓଡ଼ିଶାର ଭଦ୍ରକ ଜିଲ୍ଲାରେ ଅବସ୍ଥିତ ଏକ ଦେବଦେବୀ ପୀଠ । ଏଠାରେ ପ୍ରଭୁ ଶ୍ରୀରାମ, ସୀତା ଓ ଲକ୍ଷ୍ମଣ ପୂଜିତ ହୋଇଥାନ୍ତି । ଫଗୁଣ ମାସର ବଡ଼ ଏକାଦଶୀରେ ହେଉଥିବା ଦେବରକୁଣ୍ଡ ମେଳା ପାଇଁ ଏହି ପୀଠ ପ୍ରସିଦ୍ଧ ।

ତ୍ରେତୟା ଯୁଗରେ ଭଗବାନ ଶ୍ରୀରାମଚନ୍ଦ୍ର ପିତୃସତ୍ୟ ପାଳନ କରି ୧୪ ବର୍ଷ କାଳ ରାଜପ୍ରସାଦ ଛାଡ଼ି ବନବାସ ଗମନ କରିଥିଲେ । ବନବାସରେ ରହଣି ପରେ ନିଜ ପିତାଙ୍କର ସ୍ୱର୍ଗାରୋହଣ ଖବର ଅତ୍ୟନ୍ତ ମର୍ମାହତ ହୋଇଥିଲେ । ଘଞ୍ଚ ଜଙ୍ଗଲରେ ବୁଲୁ ବୁଲୁ ପିତାଙ୍କର ଶ୍ରାଦ୍ଧ ଦିବସ ପାଇଁ ମାଆ ଜାନକୀ ସ୍ନାନକରି ପିତାଙ୍କର ପିଣ୍ଡଦାନ କରିବା ପାଇଁ ରାମଚନ୍ଦ୍ରଙ୍କୁ କହିଲେ । ସେଦିନ ଭୌମି ଏକାଦଶୀ ତିଥିରେ ମାଆ ଜାନକୀ ସ୍ନାନ କରିବା ପାଇଁ ଜଳ ଆବଶ୍ୟକ କରିଥିଲେ। ସେହି ସମୟରେ ନଦୀ ଶୁଷ୍କଥିବାରୁ ରାମଚନ୍ଦ୍ର ନିଜର ଅନୁଜ ଲକ୍ଷ୍ମଣଙ୍କୁ ଜଳର ସନ୍ଧାନ କରିବା ପାଇଁ କହିଥିଲେ । ଲକ୍ଷ୍ମଣ ବହୁସ୍ଥାନ ବୁଲି ଜଳର ସନ୍ଧାନ ନ ପାଇବାରୁ ରାମଚନ୍ଦ୍ରଙ୍କୁ ସ୍ମରଣ କରି ନିଜ ଧନୁରେ ଗୁଣ ଚଢାଇ ବାଣ ମାରିବାରୁ ନଦୀ ଗର୍ଭରେ ଦୁଇଗୋଟି କୁଣ୍ଡ ସୃଷ୍ଟି ହୋଇଥିଲା ।

ଉକ୍ତ କୁଣ୍ଡ ମଧ୍ୟକୁ ଜଳ ବହିଯିବାଦ୍ୱାରା ଉକ୍ତ କୁଣ୍ଡ ଦୁଇଟି ଛୋଟ ପୁଷ୍କରିଣୀର ଭ୍ରମ ସୃଷ୍ଟି କରିଥିଲା । ତାହାପରେ ଏକ କୁଣ୍ଡରେ ମାତା ସୀତା ଓ ଅନ୍ୟଟିରେ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ସ୍ନାନ କରିଥିଲେ। ସେହି କାଳରୁ ମାତା ସୀତା ସ୍ନାନ କରିଥିବା କୁଣ୍ଡର ନାମ 'ସୀତାକୁଣ୍ଡା' ଏବଂ ରାମଲକ୍ଷ୍ମଣ ସ୍ନାନ କରିଥିବା କୁଣ୍ଡର ନାମ 'ଦେବକୁଣ୍ଡ' ଭାବେ ନାମିତ । କାଳକ୍ରମେ କୁଣ୍ଡର ନାମାନୁସାରେ ଉକ୍ତ ପବିତ୍ର ପୀଠଟି ମଧ୍ୟ ସେହି ନାମରେ ନାମିତ ହୋଇଛି । ଏହି କୁଣ୍ଡ ନିକଟରେ ବଡ଼ ଦୀପ ଆକୃତିର ଚିହ୍ନ ମଧ୍ୟ ଦେଖାଯାଏ । ସେହି ଦୀପ ସମ୍ବନ୍ଧରେ ଜନଶ୍ରୁତି ଅଛି ଯେ, ମାଆ ଜାନକୀ ସ୍ନାପରେ ଏହିଠାରେ ତାଙ୍କର ଶ୍ୱଶୁର ଦଶରଥଙ୍କୁ ବାଲିପିଣ୍ଡ ଦାନ କରିବା ସମୟରେ ଉକ୍ତ ଦୀପକୁ ବ୍ୟବହାର କରିଥିଲେ। ଉକ୍ତ ସ୍ମୃତିକୁ ସାଇତି ରଖିବା ପାଇଁ ପ୍ରଥମେ ସ୍ଥାନୀୟ ଭକ୍ତମାନେ ସେଠାରେ ଉକ୍ତ ତୀର୍ଥରେ ପୂଜାର୍ଚ୍ଚନା କରୁଥିଲେ । ଧୀରେ ଧୀରେ ପୀଠର ମହିମା ପ୍ରଚାରିତ ହେବା ପରେ ଏହି ପବିତ୍ର କୁଣ୍ଡର ଜଳରେ ଫାଲ୍‌ଗୁନ ମାସର ବଡ଼ ଏକାଦଶୀ ତିଥିରେ ହଜାର ହଜାର ସଂଖ୍ୟାରେ ଭକ୍ତ ବୁଡ଼ ପକାଇ ଆସୁଛନ୍ତି । କୁହାଯାଏ ଯେ, ଏହି କୁଣ୍ଡରେ ସ୍ନାନ କଲେ ସମସ୍ତ ପାତକ ନାଶ ହେବା ସହ ପୁଣ୍ୟ ମିଳିଥାଏ । ସ୍ଥାନୀୟ କିଛି ଧର୍ମପରାୟଣ ବ୍ୟକ୍ତିଙ୍କ ଉଦ୍ୟମରେ ଏହି ପୀଠର ମହିମା ବୃଦ୍ଧି ଉଦ୍ଦେଶ୍ୟରେ ନିକଟରେ ପ୍ରାୟ ୨୦ଟିରୁ ଅଧିକ ମନ୍ଦିରନିର୍ମାଣ କରାଯାଇଛି ।

ଏହି ନଦୀର ପାର୍ଶ୍ୱରେ ବିଭିନ୍ନ ଦେବଦେବୀଙ୍କ ମନ୍ଦିର ସହ ବହୁ ପ୍ରାଚୀନ କୀର୍ତ୍ତିରାଜି ମଧ୍ୟ ଦେଖିବାକୁ ମିଳେ । ନିକଟସ୍ଥ ମନ୍ଦିରମାନଙ୍କ ମଧ୍ୟରେ ବିରଞ୍ଚି ନାରାୟଣ, ସୁର୍ଯ୍ୟଦେବ, ସୂର୍ଯ୍ୟ ନାରାୟଣ, ମହାଦେବ, ହନୁମାନ୍, ଖରାଖିଆ ମହାଦେବ, ଜଗନ୍ନାଥ, ଅଜଣା ଦେବୀ, ସନ୍ତୋଷ ମାତାଙ୍କ ମନ୍ଦିର ଅନ୍ୟତମ । ସ୍ଥାନୀୟ ଗ୍ରାମବାସୀ ଭକ୍ତଙ୍କ ଦାନପାଣ୍ଠିରେ ମିଳିତ ଅର୍ଥରେ ଉକ୍ତ କୁଣ୍ଡ ପାର୍ଶ୍ୱରେ ଏକ ଶ୍ରୀରାମ ମନ୍ଦିର ନିର୍ମାଣ କରିଛନ୍ତି ।

## ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା'ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା'ନ୍ତି । ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ୍ୟ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା'କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚୁଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା'ନ୍ତି ।

# ଏଡସ୍ ଭୟାବହତା

ଗଲା ୧ ତାରିଖ ଦିନ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଛି। ଏଡସ୍ ମହାମାରୀର ଭୟାବହତା ବୋଧ ହୁଏ କାହାରିକୁ ଅଛପା ନାହିଁ। ସାଂପ୍ରତିକ ସମୟରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱର ଧମକ ଭାବେ ଉଭା ହୋଇଥିବା ଆସନ୍ତା ୨୦୩୦ ସୁଦ୍ଧା ବିଶ୍ୱରୁ ଏଡସ୍ ମହାମାରୀର ମୂଳୋତ୍ପାଟନ ପାଇଁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି, ସେଥିରେ ଭାରତର ଗୁରୁତ୍ୱପୂର୍ଣ୍ଣ ଅବଦାନ ଆବଶ୍ୟକ କରେ। କହିବା ବାହୁଲ୍ୟ ଯେ, ଆଫ୍ରିକୀୟ ରାଷ୍ଟ୍ରଗୁଡିକ ବାହାରେ ଏଡସ୍ ପ୍ରଭାବିତ ରାଷ୍ଟ୍ରଗୁଡିକ ମଧ୍ୟରେ ଭାରତ ହେଉଛି ଅନ୍ୟତମ। ଉଲ୍ଲେଖଯୋଗ୍ୟ ଯେ, ୨୦୨୩-୨୪ ସୁଦ୍ଧା ଦେଶରେ ମୋଟ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୬ଲକ୍ଷ ୮୯ ହଜାରରେ ପହଁଚିଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ଯାହାକି ପୂର୍ବବର୍ଷ ତୁଳନାରେ ୭.୩ ପ୍ରତିଶତ ଅଧିକ। ଯାହା ଏବେ ଉଦ୍‌ବେଗର କାରଣ। ଦେଶରେ ହରିଆନା, ପଞ୍ଜାବ, ହିମାଚଳ ପ୍ରଦେଶ, ଗୁଜରାଟ, ଆଦି ରାଜ୍ୟରେ ପୂର୍ବବର୍ଷ ତୁଳନାରେ ଏଡସ୍ ବା ଏଚଆଇଭି ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଛି। ହରିଆନାରେ ଗତ ପାଂଚ ବର୍ଷ ମଧ୍ୟରେ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ୱିଗୁଣ ହୋଇଥିବାବେଳେ ପଞ୍ଜାବ ଓ ହିମାଚଳ ପ୍ରଦେଶରେ ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ଉଲ୍ଲେଖନୀୟ ଭାବେ ଆକ୍ରନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇଥିବା କୁହାଯାଏ। ଆମ ରାଜ୍ୟରେ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ୨୫୦୦ ବୃଦ୍ଧି ପାଇଥିବାବେଳେ ଚାରୋଟି ଜିଲ୍ଲା ତଥା ଗଞ୍ଜାମ, କଟକ, ଖୋର୍ଦ୍ଧା ଓ ସମ୍ବଲପୁର ଜିଲ୍ଲାର ସ୍ଥିତି ଗମ୍ଭୀର ରହିଥିବା ସରକାରୀ ତଥ୍ୟ କହେ। ରାଜ୍ୟରେ ବର୍ଷକ ମଧ୍ୟରେ ୨୫୫୧ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୩,୪୩୭ରେ ପହଁଚିଛି। ସେହିପରି ରାଜ୍ୟରେ ଲୋକସଂଖ୍ୟା ଦୃଷ୍ଟିରୁ ପ୍ରତି ୭୦୦ ଜଣରେ ଜଣେ ଆକ୍ରାନ୍ତ ହେଉଥିବା ପରିସଂଖ୍ୟାନରୁ ଜଣାପଡିଥିବାବେଳେ ବର୍ଷକୁ ପ୍ରାୟ ୪୦୦ରୁ ୫୦୦ ଜଣଙ୍କର ମୃତ୍ୟୁ ଘଟୁଥିବା ଓ ସାକ୍ସ ସୂତ୍ରରୁ ଜଣାଯାଇଛି। ଗତ ୨୦୨୩ ନଭେମ୍ବର ସୁଦ୍ଧା ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୦,୮୮୬ ଥିବାବେଳେ ଚଳିତ ବର୍ଷ ଏହି ଅବଧି ସୁଦ୍ଧା ସଂକ୍ରମିତଙ୍କ ସଂଖ୍ୟା ୬୩,୪୩୭ରେ ପହଁଚିଥିବା ରିପୋର୍ଟ କହେ। ସେହିପରି ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୯,୧୫୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରେ ୭୯୯୪, ଖୋର୍ଦ୍ଧାରେ ୪୨୧୦ ଏବଂ ସମ୍ବଲପୁରରେ ୩୮୦୭ ଜଣ ଚିହ୍ନଟ ହୋଇଅଛି। ମୋଟ ଆକ୍ରାନ୍ତଙ୍କ ମଧ୍ୟରେ ୪୨,୫୦୨ ପୁରୁଷ, ୨୦,୯୪୫ ଜଣ ମହିଳା ଓ ୨୩,୪୭୧ ଜଣ ଯୁବବର୍ଗ ରହିଛନ୍ତି। ଏହା ନିସନ୍ଦେହ ଯେ, ଦେଶରେ ଗତ ଚାରି ଦଶନ୍ଧି ଧରି ବ୍ୟାପକ ସଚେତତନତା ଓ ବିଭିନ୍ନ କାର୍ଯ୍ୟକ୍ରମ ସତ୍ତ୍ୱେ ଏଡସ୍ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ନିଶ୍ଚିତ ଭାବେ ଚିନ୍ତାଜନକ। ଜାତୀୟ ଏଡସ୍ କଂଟ୍ରୋଲର ସଂଗଠନ ପକ୍ଷରୁ ଟେଷ୍ଟ ଆଣ୍ଡ ଟ୍ରିଟ୍ (ପରୀକ୍ଷା ଏବଂ ଚିକତ୍ସା) ଜାରି ରହିଥିବାବେଳେ ଜୀବନସାରା ଆକ୍ରାନ୍ତଙ୍କୁ ମାଗଣା ଚିକିତ୍ସା ପ୍ରଦାନ ହେଉଛି ସବୁଠାରୁ ବଡ ଉପଲବ୍ଧ। ପୂର୍ବରୁ ଲୋକଲଜ୍ୟା ଭୟରେ ଚିକିତ୍ସା ପାଇଁ କେହି ଆକ୍ରାନ୍ତ ଆଗେଇ ଆସୁନଥିବାବେଳେ ଏବେ କିନ୍ତୁ ତାହା ଅତୀତ ହୋଇଯାଇଛି। ଯାହାର ପରିଣତି ସ୍ୱରୁପ ୨୦୧୦ ମସିହା ପରଠାରୁ ଏଡସ୍ ମୃତ୍ୟୁ ୮୦ ପ୍ରତିଶତ ହ୍ରାସ ପାଇଛି। ସେହିପରି ମାଗଣା ଚିକିତ୍ସା ଦ୍ୱାରା ଗତ ଦଶନ୍ଧି ମଧ୍ୟ ବାର୍ଷିକ ହାରାହାରୀ ୪୪ପ୍ରତିଶତ ମାମଲା ହ୍ରାସ ପାଇଥିବା କୁହାଯାଏ। ଏହା ସତ୍ତ୍ୱେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ସର୍ବାଧିକ ରହିଛି। ଏଚଆଇଭି/ଏଡସ୍ ନିରାକଷ୍ଟ କ୍ଷେତ୍ରରେ ବ୍ୟାପକ ସଚେତନତା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଆସିଛି। ଏହା ନିସନ୍ଦେହରେ କୁହାଯାଇପାରେ କିନ୍ତୁ ଏହା ସତ୍ତ୍ୱେ ଯୌନ କର୍ମୀ, ଯାଯାବର, ନିଶାସକ୍ତଙ୍କୁ ବ୍ୟାପକ ସଚେତନତା କରିବାର ଆବଶ୍ୟକ ରହିଛି। କ୍ଷଣିକ ସୁଖ ପାଇଁ ଏଡସ୍ ମହାମାରୀ ଜୀବନ ନେଉଛି। ଅସୁରକ୍ଷିତ ଯୌନ ସମ୍ଭୋଗ, ବ୍ୟବହୃତ ସିରିଞ୍ଜରେ ନିଶା ସେବନ, ଆଦି ଏଡସ୍ ସଂକ୍ରମଣର ମୂଳକାରଣ ହୋଇଥିବାବେଳେ ଏଥିପ୍ରତି ସଚେତନ ରହିବା ଜରୁରୀ। ଏହି ସଚେତନତା କେବଳ ଅପବାଦ, ଲୋକଲଜ୍ୟା, ଘୃଣାରୁ ସୁରକ୍ଷିତ ରଖିବ ନାହିଁ, ଅମୂଲ୍ୟ ଜୀବନକୁ ସୁରକ୍ଷିତ ରଖିପାରିବ। ଯଥାର୍ଥ ସ୍ୱାସ୍ଥ୍ୟ ସଚେତନତା ଶୃଙ୍ଖଳିତ ଜୀବନଶୈଳୀ ଏହି ମାରାତ୍ମକ ମହାମାରୀକୁ ମୂଳୋପାଟନ କରିବା ଏକ ସୁସ୍ଥ ଓ ସୁଖୀ ସମାଜ ଗଠନରେ ସହାୟକ ହୋଇପାରିବ। ଏଡସ୍‌ର ଶୂନ୍ୟ ସମାଜ ଗଠନ ପାଇଁ ଯୁବବର୍ଗ ସଂକଳ୍ପବଦ୍ଧ ହେବା ଜରୁରୀ। ଅନ୍ୟଥା ବିଶୃଙ୍ଖଳା ଜୀବନ ଶୈଳୀ ଜୀବନ ନେବା ସାର ହେବ।

# ପକେଟ କଣା କରୁଛି ଚିକିତ୍ସା ସେବା

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

କେନ୍ଦ୍ର ସରକାର କେତେକ ଜୀବନରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି କରିଛନ୍ତି। ସେସବୁ ମଧ୍ୟରେ ରହିଛି ଶ୍ୱାସ (ଆଜମା), ଯକ୍ଷ୍ମା, ଥାଲାସେମିଆ, ଗ୍ଲୁକୋମା, ମାନସିକ ଅବସାଦ ଆଦି ରୋଗର ଚିକିତ୍ସା ପାଇଁ ବ୍ୟବହୃତ ଆଠଟି ଔଷଧ। କଞ୍ଚାମାଲ ଦାମ ବୃଦ୍ଧି ଯୋଗୁଁ ଏହିସବୁ ଔଷଧର ମୂଲ୍ୟ ବୃଦ୍ଧି କରିବାକୁ ପଡ଼ିଲା ବୋଲି ସରକାରୀ ଭାବେ କୁହାଯାଇଛି। ଆହୁରି ମଧ୍ୟ କୁହାଯାଇଛି ଯେ ଯେଉଁସବୁ ଔଷଧର ମୂଲ୍ୟ ବୃଦ୍ଧି ପାଇଛି ତାହାର ବଜାର ଦର ଅତି କମ ରହୁଥିବାରୁ ଦର ବୃଦ୍ଧି ପାଇଲେ ମଧ ଲୋକଙ୍କ ପକେଟକୁ ବିଶେଷ ବାଧିବ ନାହିଁ। ଅପରପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ ବିଶ୍ୱର ମୋଟ ଯକ୍ଷ୍ମା ସଂକ୍ରମିତଙ୍କ ମଧ୍ୟରୁ ୨୬% ଭାରତରେ ଅଛନ୍ତି ଏବଂ ଯକ୍ଷ୍ମାଜନିତ ସଂକ୍ରମଣ ଓ ମୃତ୍ୟୁର ଭୟାବହତା କୋଭିଡ ୧୯ ଠାରୁ ମଧ ଅଧିକ। ଏଭଳି ପରିସ୍ଥିତିରେ କଞ୍ଚାମାଲ ଦର ବୃଦ୍ଧି ଆଳରେ ଜୀବନରକ୍ଷାକାରୀ ଔଷଧର ମୂଲ୍ୟ ବୃଦ୍ଧି କରିବା କେତେ ଯୁକ୍ତିଯୁକ୍ତ ତାହା ବିଚାରସାପେକ୍ଷ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟ ବୀମା ଯୋଜନା ଅଧୀନରେ ଔଷଧ କିଣା ଖର୍ଚ୍ଚ ଆସୁନଥିବାରୁ ଗରିବ ଲୋକେ ହନ୍ତସନ୍ତ ହେଉଛି ଏବଂ ଦର ବୃଦ୍ଧି ପଛରେ ବ୍ୟବସାୟୀ ପ୍ରଭାବ କାମ କରୁଛି ବୋଲି କେତେକ ମହଲରୁ ଅଭିଯୋଗ ଆସିଛି। ଆହୁରି ବିଡ଼ମ୍ବନା ହେଉଛି ବଜାରରେ ଜରୁରୀ ଔଷଧର ଦରଦାମ ନିୟନ୍ତ୍ରଣ ପାଇଁ ଗଠିତ ଜାତୀୟ ଔଷଧ ଦର କର୍ତ୍ତୃପକ୍ଷ ହିଁ ଏହିସବୁ ଔଷଧର ୫୦% ପର୍ଯ୍ୟନ୍ତ ଦରବୃଦ୍ଧିକୁ ସୁପାରିସ କରିଛି। ଏହି ଘଟଣା ପ୍ରଥମ ନୁହେଁ। ଏନପିପିଏ ଦ୍ୱାରା ୨୦୧୯ରେ ୧୨ଟି ଏବଂ ୨୦୨୧ରେ ଆଉ ତିନୋଟି ଜୀବନରକ୍ଷାକାରୀ ଔଷଧର ୫୦% ଯାଏ ମୂଲ୍ୟ ବୃଦ୍ଧି ଅନୁମୋଦିତ ହୋଇଥିଲା।

ନାଗରିକମାନଙ୍କୁ ନିରୋଗ ଓ ସୁସ୍ଥ ସବଳ ରଖିବା ଜନମଙ୍ଗଳ ରାଷ୍ଟ୍ରର ପ୍ରଥମ କର୍ତ୍ତବ୍ୟ ଏବଂ ସାମ୍ବିଧାନିକ ଦାୟିତ୍ୱ। ଏଥିପାଇଁ କେନ୍ଦ୍ର ସରକାରଙ୍କ ସହିତ ବିଭିନ୍ନ ରାଜ୍ୟ ସରକାର ମଧ ବିବିଧ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମମାନ ହାତକୁ ନେଇଛନ୍ତି। ସମସ୍ତଙ୍କୁ ମୌଳିକ ତଥା ସୁଲଭ ମୂଲ୍ୟର ଚିକିତ୍ସା ସେବା ଯୋଗାଇ ସୁସ୍ଥ ଭାରତର ସହସ୍ରାବ୍ଦୀ ଲକ୍ଷ୍ୟ ପୂରଣ ଦିଗରେ ଭାରତ ଅଗ୍ରସର ହେଉଥିବା କେନ୍ଦ୍ର ସରକାର କହୁଥିବା ପୃଷ୍ଠଭୂମିରେ ଜୀବନରକ୍ଷାକାରୀ ଔଷଧକୁ ସମ୍ପୂର୍ଣ୍ଣ ସୁଲଭ କରିବା ପରିବର୍ତ୍ତେ ଦର ବୃଦ୍ଧି କରିବା ଅସମୀଚୀନ ନୁହେଁ କି? ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ଭାରତରେ ଉଭୟ ସଂକ୍ରାମକ ଓ ଅଣ ସଂକ୍ରାମକ ରୋଗ ବଢୁଛି। ଯେଉଁମାନେ ଏସବୁ ରୋଗର ଚିକିତ୍ସା ପାଇଁ ସରକାରୀ ସୁବିଧା ସୁଯୋଗ ପାଉନାହାଁନ୍ତି, ସେମାନଙ୍କ ସଂଖ୍ୟା ବହୁ ଅଧିକ। କର୍କଟ, ଯକ୍ଷ୍ମା, ଶ୍ୱାସ, ହୃଦରୋଗ, ମଧୁମେହ, ଉଚ୍ଚରକ୍ତଚାପ ଆଦି ସେଥିମଧ୍ୟରୁ ଅନ୍ୟତମ। ଏଥିପାଇଁ ରୋଗୀ



ଓ ସେମାନଙ୍କ ପରିବାରକୁ ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥାଏ। ପରୀକ୍ଷା ନିରୀକ୍ଷା ବାବଦ ଖର୍ଚ୍ଚ ମଧ୍ୟ ରୋଗୀର ପକେଟ ସୀମାର ବହୁ ଊର୍ଦ୍ଧ୍ୱରେ। ସରକାରୀ ବୀମା ସୁବିଧା ପାଉନଥିବା ଜନସଂଖ୍ୟାର ଏକ ବିଶାଳ ବର୍ଗ ପାଇଁ ସ୍ୱାସ୍ଥ୍ୟ ସେବା ବା ଚିକିତ୍ସା ଏକ ବିରାଟ ବୋଝ। ଯେଉଁମାନେ ନିଜସ୍ୱ ସମ୍ବଳ ଓ ଖର୍ଚ୍ଚରେ ସ୍ୱାସ୍ଥ୍ୟ ଓ ଜୀବନ ବୀମା କରୁଛନ୍ତି ସେମାନଙ୍କ ଉପରେ ହାସ୍ୟାସ୍ପଦ ଭାବେ ଜିଏସଟି କଷି ଦିଆଯାଉଛି। ବସ୍ତୁତଃ ଭାରତରେ ସ୍ୱାସ୍ଥ୍ୟ ଓ ଚିକିତ୍ସା ସେବା ସରକାରଙ୍କ ମୌଳିକ କର୍ତ୍ତବ୍ୟରୁ ବହୁ ଊର୍ଦ୍ଧ୍ୱକୁ ଉଠି ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇସାରିଛି।

ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତରେ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜଟିଳ ଓ ଦୁରାରୋଗ୍ୟ ବ୍ୟାଧିର ଉପଚାର ପାଇଁ ବ୍ୟବହୃତ ଔଷଧର ଏକ ଜାତୀୟ ତାଲିକା ପ୍ରସ୍ତୁତ କରାଯାଏ। ସେଥିରେ ଅତ୍ୟାବଶ୍ୟକ ଓ ଜୀବନ ରକ୍ଷାକାରୀ ଔଷଧ ଗୁଡ଼ିକୁ ତାଲିକାଭୁକ୍ତ କରି ତାହାର ମୂଲ୍ୟ କମ ରଖିବା ପାଇଁ ଏକାଧିକ ନିୟାମକ ସଂସ୍ଥା ଗଠିତ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କାର୍ଯ୍ୟକାରୀ ହେଉଛି। ସମ୍ପୃକ୍ତ ସମସ୍ତ ପକ୍ଷଙ୍କ ସହିତ ଆଲୋଚନା ପରେ ଔଷଧର ପ୍ରଚଳନ ଓ ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ। କିନ୍ତୁ ସରକାରୀ ବାବୁମାନେ ଯେଉଁ ସ୍ତରରେ ବସି ଆଲୋଚନା କରନ୍ତି ତାହାଠାରୁ ଢ଼େର ଦୂରରେ ଥାଏ ବାସ୍ତବତା। ଏହାକୁ ହୃଦୟଙ୍ଗମ ନକରିବା ପର୍ଯ୍ୟନ୍ତ ବା ବାବୁମାନେ ତୃଣମୂଳସ୍ତର ସହିତ ଜଡ଼ିତ ନହେବା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଓ ଔଷଧ ଚିକିତ୍ସା ଖର୍ଚ୍ଚ ସମାବେଶୀ ହୋଇପାରିବ ନାହିଁ।

ଆମ ଚିକିତ୍ସା ବ୍ୟବସ୍ଥା ଏପରି ଯେ ଗୋଟିଏ ବର୍ଗ ସବୁଠାରୁ ଉତ୍ତମ ଚିକିତ୍ସା ପାଉଥିବାବେଳେ ଆଉ ଏକ ବୃହତ୍ ବର୍ଗ ଏଥିରୁ ବଞ୍ଚିତ ହେଉଛନ୍ତି। ପୁଣି ଯେଉଁ ଔଷଧ ସର୍ବାଧିକ ବ୍ୟବହୃତ ତାହା ହିଁ ନକଲି ଓ ଭେଜାଲ ମାନସିକତାର ଶିକାର ହୁଏ। ଗରିବ ଲୋକମାନେ ସର୍ବାଧିକ ଆକ୍ରାନ୍ତ ହେଉଥିବା ଏଭଳି ଅନେକ ଔଷଧ ଓ ଇଞ୍ଜେକସନ ବିଦେଶରୁ ଆମଦାନୀ କରିବାକୁ ପଡୁଛି, ଯାହାର ବଜାର ମୂଲ୍ୟ ଖୁବ ଉଚ୍ଚ। ଜନଔଷଧ ଦୋକାନ ଏ କ୍ଷେତ୍ରରେ ଅସହାୟ ହୋଇପଡୁଥିବାରୁ ଗରିବ ଲୋକମାନେ ସବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଚିକିତ୍ସକମାନେ ମଧ୍ୟ ସଦ୍ୟତମ ଓ ଅଧିକ ପ୍ରଭାବଶାଳୀ ଚିକିତ୍ସା ଆଳରେ ଔଷଧ ନିର୍ମାତାଙ୍କୁ ସୁହାଇବା ପରି ଔଷଧ ବ୍ୟବହାର କରିବାକୁ ରୋଗୀଙ୍କୁ ପରାମର୍ଶ ଦିଅନ୍ତି, ଯାହା ଜନଔଷଧ ଦୋକାନରେ ତତ୍କାଳ ଉପଲବ୍ଧ ହୁଏ ନାହିଁ କି ନିରାମୟ ବ୍ୟବସ୍ଥାରେ ମଧ୍ୟ ମିଳେ ନାହିଁ। ଜେନେରିକ ଔଷଧ ଉତ୍ପାଦନରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ ମଧ୍ୟ ଏହାର ଗୁଣାତ୍ମକ ମାନକୁ ନେଇ ସନ୍ଦେହ ଓ ଅଭିଯୋଗ ଆସୁଛି। ତେଣୁ ରୋଗୀଟିଏ ସିଧାସଳଖ ମହଙ୍ଗା ଔଷଧ ଦ୍ୱାରା ତଳିତଳାନ୍ତ ହେବାକୁ ବାଧ୍ୟ ହେଉଛି।


ଭାରତ ସ୍ୱାଧୀନତାର ୭୭ ବର୍ଷ ଅତିକ୍ରାନ୍ତ କରିସାରିଥିଲେ ମଧ୍ୟ ଏଯାବତ୍ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ସମାଜର ସବୁ ସ୍ତରକୁ ଛୁଇଁପାରି ନାହିଁ। ଏହାକୁ ଦୃଷ୍ଟିରେ ରଖି ସରକାର ଜନହିତୈଷୀ ପଦକ୍ଷେପ ନେବା ଏବଂ ବଜେଟ ବ୍ୟୟବରାଦ ବୃଦ୍ଧି କରିବା ଆଜିର ଆବଶ୍ୟକତା ଓ ପ୍ରମୁଖ ଆହ୍ୱାନ। ସୁସ୍ଥ ଭାରତ, ସୁନ୍ଦର ଭାରତ ଓ ସୁରକ୍ଷିତ ଭାରତ ପରିକଳ୍ପନାକୁ ସାକାର କରିବାକୁ ହେଲେ ଚିକିତ୍ସା ଓ ଔଷଧ ମୂଲ୍ୟ ଗରିବଙ୍କ ପକେଟକୁ ସୁହାଇବା ଭଳି ହେବା ଉଚିତ। ଏହା ସହିତ ସ୍ୱାସ୍ଥ୍ୟ ଓ ଜୀବନ ବୀମା ପ୍ରିମିୟମ ଉପରେ ଲାଗୁ ଜିଏସଟିକୁ ପ୍ରତ୍ୟାହାର କରିବା ଆବଶ୍ୟକ। ଖୋଦ ସରକାରଙ୍କ ମନ୍ତ୍ରୀମଣ୍ଡଳର କେତେଜଣ ସଦସ୍ୟ ଏ ସମ୍ପର୍କରେ ମତ ଦେଇଛନ୍ତି। ଏକ ଦେଶ ଏକ ନିର୍ବାଚନ ପାଇଁ ଅଣ୍ଟା ଭିଡ଼ିଥିବା ସରକାର ଏକ ଦେଶ ଏକ ସ୍ୱାସ୍ଥ୍ୟ ସେବା ଦିଗରେ ବ୍ରତୀ ହେଲେ ସହସ୍ରାବ୍ଦୀ ଲକ୍ଷ୍ୟ ପୂରଣ ହୋଇପାରିବ।

କଟିକଟା, ମଙ୍ଗଳପୁର, ଯାଜପୁର, E-mail : narayanbiswal001@gmail.com

# ସଦଗୁରୁ, ସତସଙ୍ଗ ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**

ଆଦର୍ଶ ମାନେ ସହଜ କଥାରେ ଏଭଳି ଜଣେ ଜୀବନ୍ତ ମନୁଷ୍ୟ ଯିଏ ତାଙ୍କର ପ୍ରିୟପରମଙ୍କର ଅକାଟ୍ୟ ପ୍ରୀତି ଓ ଖାତିରରେ ପାରିପାର୍ଶ୍ୱିକର ସେବା ସାହଚର୍ଯ୍ୟ, ସମବେଦନା ସହକାରେ ବଞ୍ଚିବା ଓ ବଢ଼ି ଉଠିବାକୁ ଉଦ୍ଦୀପ୍ତ କରନ୍ତି, ଏକ ସହଜ ଉନ୍ମାଦନା ଓ ଦୁଃଖ କଷ୍ଟକୁ ଭ୍ରୂକ୍ଷେପ ନକରି ତାଙ୍କର ପ୍ରିୟଙ୍କୁ ପ୍ରତିଷ୍ଠା କରନ୍ତି, ଆଉ ତାଙ୍କ ଭିତର ଦେଇ ମନୁଷ୍ୟ ତାର ଜୀବନ ଓ ବୃଦ୍ଧିର ପଥ ପାଏ ଓ ସେ ପଥକୁ ସହଜ ଓ ଅତୁଟ ଭାବରେ ଆଲିଙ୍ଗନ କରେ । ଆଦର୍ଶମାନେ କୌଣସି ଅମୂର୍ତ୍ତ ଭାବ ନୁହେଁ । ଆଉ ଯିଏ ଆଦର୍ଶ ବା ଗୁରୁ ହେବେ ତାଙ୍କର ମଧ୍ୟ ଗୁରୁ ଥିବା ଆବଶ୍ୟକ । ନିଷ୍ଠାର ସହିତ ଗୁରୁଙ୍କୁ ଅନୁସରଣ କରିବାର ଭିତର ଦେଇ ମନୁଷ୍ୟର ବୃତ୍ତି ପ୍ରବୃତ୍ତିଗୁଡ଼ିକ ସୁନିୟନ୍ତ୍ରିତ ହୁଏ ଓ ତା ଭିତରେ ଅଖଣ୍ଡ ବ୍ୟକ୍ତିତ୍ୱର ପ୍ରତିଷ୍ଠା ହୁଏ । ଆଉ ଏହା ଯାହାର ହୋଇନାହିଁ ସେ କେବେ ଆଦର୍ଶ ବା ଗୁରୁପଦବାଚ୍ୟ ହେବେ ନାହିଁ । ବିକେନ୍ଦ୍ରିକ ଯିଏ, ସେ ଯେତେ ଗୁଣ ସମ୍ପନ୍ନ ହୁଅନ୍ତୁ ନା କାହିଁକି, ସେ କୌଣସି ସମୟରେ ଅନୁସରଣୀୟ ନୁହଁନ୍ତି । ଆଦର୍ଶ ହୁଅନ୍ତି ବୈଶିଷ୍ଟ୍ୟପାଳୀ ଓ ଆପୂରୟମାଣ । ପ୍ରତ୍ୟେକଙ୍କର ସହଜାତ ବୈଶିଷ୍ଟ୍ୟକୁ ସେ ପାଳନ ପୋଷଣ କରନ୍ତି । ପ୍ରତ୍ୟେକଙ୍କର ସ୍ୱଭାବଗତ ସ୍ୱାତନ୍ତ୍ର୍ୟକୁ ସେ ସଂରକ୍ଷଣ କରି ଚଳନ୍ତି । କୌଣସି ବ୍ୟକ୍ତିଙ୍କ ଭାବରେ ସେ ବ୍ୟାଘାତ କରନ୍ତି ନାହିଁ । ପୂର୍ବତନ ଋଷି, ମହାପୁରୁଷ, ପ୍ରେରିତ ବା ଅବତାର ପୁରୁଷଙ୍କ ସହିତ ତାଙ୍କର କୌଣସି ବିରୋଧ ନାହିଁ ବରଂ ସେ ସମସ୍ତଙ୍କୁ ପରିପୂରଣ କରନ୍ତି । ସେ କେବେ ଏକାଦେଶଦର୍ଶୀ ହୁଅନ୍ତି ନାହିଁ । ବ୍ୟଷ୍ଟିଗତ ଓ ସମଷ୍ଟିଗତ ଜୀବନର ସର୍ବାଙ୍ଗୀନ ଓ ସାମଗ୍ରିକ ପରିପୂରଣ ଓ ଉନ୍ନୟନ ହିଁ ତାଙ୍କର ଲକ୍ଷ୍ୟ । ସେ କେବେ ଗଣ୍ଡୀସ୍ୱାର୍ଥୀ ହୁଅନ୍ତି ନାହିଁ । ସେ ସମସ୍ତଙ୍କର ସ୍ୱାର୍ଥରେ ସ୍ୱାର୍ଥାନ୍ୱିତ, ତେଣୁ ସମସ୍ତଙ୍କର ମିଳନ ତୀର୍ଥ । ପ୍ରତ୍ୟେକଙ୍କର କଲ୍ୟାଣ ହିଁ ତାଙ୍କର ଆତ୍ମ କଲ୍ୟାଣ । କୌଣସି ପ୍ରକାର ସାମ୍ପ୍ରଦାୟିକ ଭେଦବୁଦ୍ଧି ତାଙ୍କ ପାଖରେ ସ୍ଥାନ ପାଏ ନାହିଁ, ବରଂ ବିଭିନ୍ନ ସମ୍ପ୍ରଦାୟ ଓ ଦଳର ଲୋକ ଗୁରୁଙ୍କର ପ୍ରଭାବରେ ଐକ୍ୟବଦ୍ଧ ହେବାର ପ୍ରେରଣା ପାଆନ୍ତି । ତାଙ୍କ ପାଖକୁ ଗଲେ ପୂର୍ବତନ ଋଷି ମହାପୁରୁଷଙ୍କ ପ୍ରତି ମନୁଷ୍ୟର ଶ୍ରଦ୍ଧା ସଞ୍ଜୀବିତ ହୁଏ । ପ୍ରତ୍ୟେକଙ୍କର ଧର୍ମନିଷ୍ଠା ଆବେଗପ୍ରବୃଦ୍ଧ ହୁଏ । ଧର୍ମାନ୍ତରୀକରଣକୁ ସେ ସ୍ଥାନ ଦିଅନ୍ତି ନାହିଁ । ବରଂ ବୈଶିଷ୍ଟ୍ୟସ୍ଫୁରଣୀ, ଆତ୍ମଶକ୍ତି ଉଦ୍‌ବୋଧନୀ, ଦକ୍ଷତାଦୀପନୀ ଓ ବିଜ୍ଞାନସମ୍ମତ ଦୀକ୍ଷା ପ୍ରଥା ସେ ପ୍ରବର୍ତ୍ତନ କରନ୍ତି । ତାଙ୍କର କହିବା, ଭାବିବା ଓ କରିବାର ମଧ୍ୟରେ କୌଣସି ଅମେଳ ନଥାଏ । ତାଙ୍କର ବାଣୀ, ନୀତି ଓ ଉପଦେଶ ତାଙ୍କର ଜୀବନ ଓ ଆଚରଣରେ ପ୍ରତିଫଳିତ ହୁଏ । ଏକ କଥାରେ ସେ ହେଉଛନ୍ତି ଆଚରଣ ସିଦ୍ଧ ଆଚାର୍ଯ୍ୟ । ସ୍ଥୂଳ, ସୂକ୍ଷ୍ମ ଓ କାରଣ-ସତ୍ୟର ଏହି ତିନି ଭୂମି ସମ୍ବନ୍ଧରେ ତାଙ୍କର ସାମଗ୍ରିକ ପ୍ରତ୍ୟକ୍ଷ ଅନୁଭୂତି, ଅଭିଜ୍ଞତା ଓ ଅଧିଗତି ରହିଛି । ସେ ସତ୍ୟ, ରଜ ଓ ତମଃ - ଏହି ତିନି ଗୁଣର ସାତ୍ୱତ ବିନିଯୋଗ ଓ ବିନ୍ୟାସ କରନ୍ତି । ସେ ତଥାକଥିତ ଅଲୌକିକତାର ଆଶ୍ରୟ ଗ୍ରହଣ ନକରି ଭକ୍ତି, ଜ୍ଞାନ ଓ କର୍ମଶକ୍ତିର ଉଦ୍‌ବୋଧନରେ ମନୁଷ୍ୟକୁ ଯୋଗ୍ୟତର ଓ ଉନ୍ନତତର କରି ତୋଳନ୍ତି ।



ତାଙ୍କର ସମଗ୍ର ଭାବଧାରା ଓ କର୍ମଧାରା ଏକ ସୂତ୍ରସମ୍ମତ ଓ ସତ୍ତାପୋଷଣୀ । ତାଙ୍କ ଜୀବନର ପ୍ରତିଟି ପଦକ୍ଷେପ ଧାରଣ-ପାଳନ-ପୋଷଣ ସମ୍ବେଗ ପ୍ରବୁଦ୍ଧ । ସେ ଅଚ୍ୟୁତ ଯୋଗଯୁକ୍ତ, ତ୍ରିକାଳଜ୍ଞ, ତତ୍ତ୍ୱଦର୍ଶୀ ଓ ଅଭ୍ରାନ୍ତ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖି ସାତ୍ୱତ ବିବର୍ତ୍ତନକୁ ପ୍ରଗତିଶୀଳ କରି ତୋଳିବାର ପ୍ରୟାସ ସେ କରନ୍ତି । ସାତ୍ୱତ କୃଷ୍ଟି, ଐତିହ୍ୟ, ସଂସ୍କାର ଓ ପ୍ରଥାକୁ ସେ କେବେ ଅବଜ୍ଞା କରନ୍ତି ନାହିଁ ବରଂ ସେଗୁଡ଼ିକୁ ଆହୁରି ସନ୍ଦୀପ୍ତ କରି ଉଠାନ୍ତି । ସେ ସହାନୁଭୂତିଶୀଳ, ସେବାନିରତ, ସହଜ ପ୍ରେମିକ ମଣିଷ । ଭକ୍ତି, ଜ୍ଞାନ ଓ କର୍ମର ସଲୀଳ ସଙ୍ଗତି ଓ ସମନ୍ୱୟ ତାଙ୍କ ଭିତରେ ପରିଲକ୍ଷିତ ହୁଏ । ଜୀବନକୁ ସେ କେବେ ଅସ୍ୱୀକାର କରନ୍ତି ନାହିଁ, ବରଂ ଜୀବନକୁ ଉତ୍ସମୁଖୀ କରି ଷୋଡ଼କଳାରେ ବର୍ଦ୍ଧନମୁଖୀ କରି ଉଠାଇବା ହିଁ ତାଙ୍କର ଅଦମ୍ୟ ତପସ୍ୟା । ତାଙ୍କର ଅସତ୍‌ନିରୋଧୀ ପ୍ରବୃତ୍ତି ତାଙ୍କୁ କ୍ଷୟ ଓ ମୃତ୍ୟୁର ବିରୁଦ୍ଧରେ ଅଭିଯାନ ମୁଖର କରି ଉଠାଏ । ସେ ସମସ୍ତଙ୍କୁ ଏକାକାର କରନ୍ତି ନାହିଁ, ବା ବଡ଼କୁ ଛୋଟ କରିବାକୁ ଚାହାଁନ୍ତି ନାହିଁ ବରଂ ଛୋଟକୁ ବଡ଼ ଓ ବଡ଼କୁ ଆହୁରି ବଡ଼ କରି ଉଠାନ୍ତି ଓ ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାର ବୈଶିଷ୍ଟ୍ୟାନୁଯାୟୀ ବ୍ରାହ୍ମୀ ବିବର୍ତ୍ତନ ପଥରେ ପରିଚାଳିତ କରନ୍ତି । ପରମପୁରୁଷ ବ୍ୟକ୍ତି ସ୍ୱାର୍ଥକୁ ବାଦ ଦିଅନ୍ତି ନାହିଁ, କିନ୍ତୁ ବ୍ୟକ୍ତିକୁ ଇଷ୍ଟ ଓ ପରିବେଶର ସେବା ମାଧ୍ୟମରେ ବଡ଼ରୁ ଆହୁରି ବଡ଼କୁ ନେଇଯାଆନ୍ତି । ମନୁଷ୍ୟର ବୃତ୍ତି ପ୍ରବୃତ୍ତିର ଅସ୍ୱୀକାର, ଅବଦମନ ବା ପ୍ରଶୟ କୌଣସିଟିକୁ ସେ ପସନ୍ଦ କରନ୍ତି ନାହିଁ, ବରଂ ସେଗୁଡ଼ିକର ସୁକେନ୍ଦ୍ରିକ ସତ୍ତାସମ୍ବର୍ଦ୍ଧନୀ ବିନ୍ୟାସ ଓ ନିୟନ୍ତ୍ରଣ ମାଧ୍ୟମରେ ମନୁଷ୍ୟକୁ ଶୁଦ୍ଧ, ବୁଦ୍ଧ ଓ ମୁକ୍ତ କରି ଉଠାଇବା ହିଁ ତାଙ୍କର ଏକାନ୍ତ ଲକ୍ଷ୍ୟ । ପ୍ରକୃତ ଆଦର୍ଶ ହିଁ ଈଶ୍ୱରଙ୍କର ବ୍ୟକ୍ତ ପ୍ରତୀକ । ଯୁଗାବତାର କଳ୍‌କୀ ବିଗ୍ରହ ଭଗବାନ ପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଯଥାର୍ଥରେ କହିଛନ୍ତି - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ।

ସହ ପ୍ରତିରତ୍ୱିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ
ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# ହୋମ୍ ୱାର୍କ ଓ ଶିକ୍ଷାର୍ଥୀ

**ଡକ୍ଟର ସୁରେଶ କୁମାର ନାୟକ**

ଶିକ୍ଷା ସମାଜ ବିକାଶର ମୂଳ ଉତ୍ସ। ଯେଉଁ ରାଷ୍ଟ୍ର, ସମାଜ ବା ଗୋଷ୍ଠୀ ଯେତେ ଶିକ୍ଷିତ, ସେ ସେତିକି ବିକଶିତ। ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ମଣିଷର ମୌଳିକ ଶିକ୍ଷା ତାର ଶୈଶବରୁ ଆରମ୍ଭ ହୋଇଥାଏ। କି ଧନୀ କି ଗରିବ, ପ୍ରତ୍ୟେକ ଅଭିଭାବକ ଚାହେଁ ତାର ସନ୍ତାନ ଉତ୍ତମ ଶିକ୍ଷା ପ୍ରାପ୍ତ କରି ଭବିଷ୍ୟତରେ ଏକ ପ୍ରତିଷ୍ଠିତ ନାଗରିକ ହୋଇ ସମାଜରେ ବଞ୍ଚୁ। ଆମର ଆଦିମ ଶିକ୍ଷା ବ୍ୟବସ୍ଥା ପୁରାତନ କାଳରେ ଋଷି, ମୁନି, ଅବଧାନ, ପଣ୍ଡିତ, ଚାଟଶାଳୀ ବା ଗୁରୁକୁଳରେ ହେଉଥିଲା ଯାହାକି ବର୍ତ୍ତମାନ ଅତ୍ୟାଧୁନିକ କାଳରେ ବିଭିନ୍ନ ନର୍ସରୀ, ଅଙ୍ଗନବାଡ଼ି, ପ୍ଲେ ସ୍କୁଲ ଆଦିରେ ଚାଲୁଛି।

ଶିକ୍ଷାର ଏହି ପ୍ରତିଯୋଗିତା ତଥା ସଫଳତା ଭିତ୍ତିକ ଆବଶ୍ୟକତାରୁ ଆରମ୍ଭ ହୁଏ ହୋମଓ୍ୱାର୍କ ସମ୍ପର୍କିତ ଆଲୋଚନା। ଶିକ୍ଷା କ୍ଷେତ୍ରରେ ହୋମଓ୍ୱାର୍କ ଶବ୍ଦଟିର ପ୍ରଚଳନ ନେଇ ଯଦିଓ ସଠିକ କିଛି ତଥ୍ୟ ନାହିଁ, ତେବେ ପ୍ରାଚୀନ ରୋମରେ ଚସକ୍ଷବଭଛ ନାମକ ଜଣେ ଶିକ୍ଷକ ସ୍କୁଲ ସାରିବା ପରେ କିଛି ଟାସ୍କ ଦେଉଥିବାର ତଥ୍ୟ ଅଛି। ଇଟାଲୀର ଜକ୍ଟଭରକ୍ୱସ୍ପ ଘରଙ୍ଗସକ୍ଷସସ୍ପ ୧୯୦୫ ମସିହାରେ ହୋମଓ୍ୱାର୍କ ତତ୍ତ୍ୱର ବ୍ୟବହାର ପାଇଁ ବେଶ ପରିଚିତ। ମାତ୍ର ଐକ୍ଟକ୍ସବମର ଗବଭଭ ହିଁ ଆମେରିକାରେ ଏହାର ବ୍ୟବହାର ଆରମ୍ଭ କରିଥିଲେ। ଏପରିକି ୧୯୩୦ ମସିହାରେ ଏହାକୁ ଶିଶୁ ଶ୍ରମିକ ପ୍ରଥା ଭଳି ମନେ କରାଯାଉଥିଲା। ଶୀତଳ ଯୁଦ୍ଧ ସମୟରେ ଆମେରିକା ନିଜ ଦେଶ ଛାତ୍ରଙ୍କୁ ସୋଭିଏତ ଛାତ୍ରଙ୍କ ଠାରୁ ଆଗରେ ରଖିବା ପାଇଁ ଏହାକୁ ଉନ୍ନତ ଶିକ୍ଷାର ଆବଶ୍ୟକତା ଭାବୁଥିଲା। ୧୯୮୬ ମସିହାରେ ଆମେରିକା ସରକାରୀ ଭାବରେ ଏହାକୁ ଗୁଣାତ୍ମକ ଶିକ୍ଷାର ଆବଶ୍ୟକତା ବୋଲି ସ୍ୱୀକୃତୀ ଦେଇଥିଲା। ପ୍ରାଚୀନ ଭାରତର ଗୁରୁକୁଳକୁ ଅନୁଧ୍ୟାନ କଲେ ଶିକ୍ଷାର ଚାରୋଟି ବିନ୍ଦୁ ପଠନ, ଲିଖନ, ଅନୁଷ୍ଠାନ ଓ ସ୍ୱାଧ୍ୟାୟ। ଏହି ସବୁରେ ବିନା ଗୁରୁରେ ଅଭ୍ୟାସ ଯାହାକୁ ଆଜିକାଲିର ହୋମଓ୍ୱାର୍କର ଏକ ରୂପ ବୋଲି ମଧ୍ୟ ଅନେକେ ମତ ଦିଅନ୍ତି। ସ୍କୁଲର ବିଧିବଦ୍ଧ ସମୟସାରଣୀ ପରେ ଛାତ୍ରଛାତ୍ରୀଙ୍କୁ ଯେଉଁ ସବୁ ବିଷୟବସ୍ତୁ ପଢ଼ିବାକୁ ବା ଲେଖିବାକୁ ପଡ଼େ, ତାକୁ ହୋମଓ୍ୱାର୍କ କୁହାଯାଏ। ପଢ଼ିବା ଓ ଲେଖିବା ଦୁଇଟି ଯାକ ଶବ୍ଦର ରୂପରେଖ ହିଁ ହୋମଓ୍ୱାର୍କର ଭୂମିକାକୁ ସ୍ପଷ୍ଟ କରେ। କ୍ଲାସରୁମ ବାହାରେ ଶିକ୍ଷକ ଦେଉଥିବା ଟାସ୍କକୁ ସାଧାରଣତଃ ଏହି ଶ୍ରେଣୀରେ ଗ୍ରହଣ କରାଯାଇଥାଏ। ଆଜିକାଲି ଏହାକୁ ଶିକ୍ଷାର ଏକ ମୁଖ୍ୟ ଆଧାରଶୀଳା ଭାବରେ ଗଣାଯାଉଛି। କ୍ଲାସରୁମରେ ପଢ଼ା ସରିବା ପରେ ଅଭ୍ୟାସ କରିବା ହେଉ ବା ବୁଝିବା ନିମିତ୍ତ ହେଉ ବା ସେଲ୍ଫ ଷ୍ଟଡି ପାଇଁ ଶିକ୍ଷକ ଯାହା ନିର୍ଦ୍ଦେଶ ଦେଇଥାନ୍ତି, ତାଙ୍କୁ ଛାତ୍ରଛାତ୍ରୀ, ଅଭିଭାବକ ହୋମଓ୍ୱାର୍କ ବୋଲି ଭାବନ୍ତି।

ବର୍ତ୍ତମାନର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ହୋମଓ୍ୱାର୍କକୁ ନେଇ ମଝିରେ ମଝିରେ ଚର୍ଚ୍ଚା ହୋଇଥାଏ। ସେମାନଙ୍କୁ ହୋମଓ୍ୱାର୍କ ଦିଆଯିବା ଉଚିତ କି ନୁହେଁ, ପ୍ରକୃତରେ ଏହାର ଆବଶ୍ୟକତା ରହିଛି କି ନାହିଁ, ଏହାକୁ ନେଇ ସର୍ବଦା ବିତର୍କ ଲାଗି ରହିଛି। ଏହି ପ୍ରସଙ୍ଗକୁ ନେଇ ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ମାନଙ୍କ ଭିନ୍ନ ଭିନ୍ନ ମତ ରହିଛି। କେତେକ ପିଲା ଏହାକୁ ବୋଝ ବୋଲି ଭାବିଥାନ୍ତି, ଆଉ କେତେକ ଏହାର ଆବଶ୍ୟକତା ରହିଛି ବୋଲି ମତ ଦିଅନ୍ତି। ତେବେ ଶିକ୍ଷକମାନଙ୍କ ମତ ହେଲା ଛାତ୍ରଛାତ୍ରୀମାନଙ୍କ ପାଇଁ ହୋମଓ୍ୱାର୍କ ବା ଗୃହକାର୍ଯ୍ୟ ଜରୁରୀ। କିନ୍ତୁ ଏମିତି ବି ଅତ୍ୟଧିକ ହୋମଓ୍ୱାର୍କ ଦିଆଯିବା ଉଚିତ ନୁହେଁ, ଯାହା କୋମଳମତି ଛାତ୍ରଛାତ୍ରୀଙ୍କୁ ଆରାମ ଦେବାରେ ଅସୁବିଧା ସୃଷ୍ଟି କରିବ। ଅତ୍ୟଧିକ ହୋମଓ୍ୱାର୍କ ସେମାନଙ୍କ ମାନସିକ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଆମେରିକାରେ ଏକ ଗବେଷଣାରୁ ଜଣାପଡ଼ିଛି ଯେ, ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ମାନଙ୍କୁ ହୋମଓ୍ୱାର୍କ ଦିଆଯିବା ଉଚିତ ନୁହେଁ। ଦୁଇ ଘଣ୍ଟାରୁ ଅଧିକ ହୋମଓ୍ୱାର୍କ ଦିଆଯିବା କ୍ଷତିକାରକ। ହୋମଓ୍ୱାର୍କ ପ୍ରତ୍ୟେକ ଛାତ୍ରଛାତ୍ରୀ ମାନଙ୍କ ଅତ୍ୟନ୍ତ ଜରୁରୀ। ପ୍ରତ୍ୟେକ ଦିନ ସ୍କୁଲରୁ ଫେରିବା ପରେ ଏହା କରିବାକୁ ଛାତ୍ରଛାତ୍ରୀମାନେ ତତ୍ପର ହୋଇପଡ଼ନ୍ତି। ତେବେ ସୀମିତ ସମୟ ମଧ୍ୟରେ ହୋମଓ୍ୱାର୍କ କରିବାକୁ ପଡୁଥିବାରୁ ସେମାନଙ୍କ ଉପରେ ମାନସିକ ଚାପ ପଡ଼ିଥାଏ। ହୋମଓ୍ୱାର୍କ ଦିଆଯିବା ଉଚିତ, କିନ୍ତୁ ଟିକିଏ କମ। କେତେକ ଅଭିଭାବକ ଓ ଶିକ୍ଷାବିତଙ୍କ ମତ ହେଲା, ହୋମଓ୍ୱାର୍କ ଏଥିପାଇଁ ଦିଆଯାଏ ଯେ, ସ୍କୁଲ ଛୁଟି ପରେ ଛାତ୍ରଛାତ୍ରୀମାନେ କିଛି ସମୟ ନିଜକୁ ବ୍ୟସ୍ତ ରଖିବେ। ଟାସ୍କ ପୁରା କରିବାରେ ଅଭିଭାବକଙ୍କ ମଧ୍ୟ ଭୂମିକା ରହିଛି। ସେମାନେ ହୋମଓ୍ୱାର୍କ ଯୋଗୁଁ କିଛି ସମୟ ନିଜ ପିଲାଙ୍କ ସହିତ ବିତାଇ ପାରିବେ। ପ୍ରୋଜେକ୍ଟ ୱାର୍କ ଦିଆଯିବା ଫଳରେ ଛାତ୍ରଛାତ୍ରୀମାନଙ୍କ ରଚନାତ୍ମକ ବିକାଶ ହୋଇଥାଏ। ତେବେ ଯାହା ହେଉନା କାହିଁକି ହୋମଓ୍ୱାର୍କ ପିଲାମାନଙ୍କ ସୃଜନଶୀଳତାକୁ ବଢ଼ାଇବା ସହ ସେମାନଙ୍କ ବୌଦ୍ଧିକ ସାମର୍ଥ୍ୟକୁ ଆଗକୁ ନେଇଥାଏ।

ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯, ସିଡିଏ, କଟକ

# ସାନ ଭାଇର କାଠଫାଳିଆ ଆକ୍ରମଣରେ ବଡ଼ଭାଇ ଗୁରୁତର

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ୫ନମ୍ବର ୱାର୍ଡ଼ ଭୁଣ୍ଡା ହଟିଂରେ ଏହି ଅଭାବନୀୟ ଘଟଣା ଘଟି ଯାଇଛି । ସାନ ଭାଇ ର କାଠ ଫାଳିଆ ଆକ୍ରମଣରେ ବଡ ଭାଇ ସଙ୍କଟାପନ୍ନ ଅବସ୍ଥାରେ ଡାକ୍ତର ଖାନାରେ ଭର୍ତ୍ତି ହୋଇଥିବା ଜଣାପଡିଛି ।ଖବର ନେବାରୁ ଜଣାପଡିଛି ଯେ, ଜାଳେଣି କାଠ ବିକ୍ରି ଟଙ୍କାକୁ ନେଇ ପ୍ରଥମେ ଉଭୟ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ପରେ ସାନଭାଇ ବୁଦ୍ଧିରାମ ଗୋପ୍ ବଡ଼ ଭାଇ ଶିବ ଗୋପ୍ କୁ ଏକ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ଶିବଙ୍କୁ ନିକଟସ୍ଥ ଟାଟା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କେନ୍ଦୁଝର ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଶିବଙ୍କ ପତ୍ନୀ ନନ୍ଦିନୀ ଗୋପ୍ ଯୋଡ଼ା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୁକ୍ତ ସାନଭାଇ ବୁଦ୍ଧିରାମ ଗୋପକୁ ପୋଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଥିବା ପୋଲିସ ସୂଚନା ଦେଇଛି ।

# ବନ୍ଧୁକ ତିଆରି କରୁଥିବା ବେଳେ ମାଡି ବସିଲା ବନ ବିଭାଗ

କପ୍ତିପଦା -(ମହାଭାରତ ): କପ୍ତିପଦା - ଦେଶୀ ବନ୍ଧୁକ ତିଆରି କରି ବିକ୍ରି କରୁଥିଲେ, ଜଣେ ଶିକାରୀକୁ ଧରି ଖୋଳତାଡ଼ କରିବା ପରେ ଏବେ ବନ୍ଧୁକ କାରଖାନାର ୨ କାରିଗର ଗିରଫ। ୨ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି କପ୍ତିପଦା ବନ ବିଭାଗୟ ଗତ ୨୫ ତାରିଖରେ କୁଲଡିହା ୱାଇଲଡ ଲାଇଫ ଅଫିସର କୁନା ସିଂ ନାମକ ଜଣେ ଶିକାରୀକୁ ଗିରଫ କରିବା ପରେ ତା ନିକଟରୁ ଦେଶୀ ବନ୍ଧୁକ ଜବତ କରିଥିଲା। ଯାହାର ଖୋଳତାଡ଼ କରିବା ପରେ ଉକ୍ତ ଦେଶୀ ବନ୍ଧୁକ ମାଙ୍କଡ଼ପଡା ଅଞ୍ଚଳରୁ ତିଆରି କରାଯାଇଥିବା ଏବଂ ଗିରଫ କୁନା ସିଂ କୁ ବିକ୍ରି କରାଯାଇଥିବା ବନ ବିଭାଗ ଜାଣିବାକୁ ପାଇଥିଲା। ଯାହା ପରେ ଗତକାଲି ରାତିରେ କପ୍ତିପଦା ବନ ବିଭାଗ ମାଙ୍କଡ଼ପଡା ଅଞ୍ଚଳରେ ଚଢ଼ାଉ କରି ବନ୍ଧୁକ ପ୍ରସ୍ତୁତ କରୁଥିବା ୨ ଜଣ ବେପାରୀଙ୍କୁ ଗିରଫ କରିଥିଲା। ଗିରଫ ୨ ଜଣ ହେଲେ ୨ ଭାଇ ରବୀନ୍ଦ୍ର ଲୋହାର ଏବଂ ଦୁଃଶାସନ ଲୋହାର। ସେମାନଙ୍କ ନିକଟରୁ ଦେଶୀ ବନ୍ଧୁକ ତିଆରି ସାମଗ୍ରୀ ନଳ ପାଇପ, ହାତୁଡି, ବନ୍ଧୁକରେ ଲାଗୁଥିବା ଅନ୍ୟ ସାମଗ୍ରୀ ଜବତ କରିଛି ବନ ବିଭାଗୟ ଗିରଫ ୨ ଜଣଙ୍କୁ ଗିରଫ ପରେ ପୋଲିସ କୁ ହସ୍ତାନର କରିଛି ବନ ବିଭାଗ।

# ଜିଲ୍ଲାସ୍ତରୀୟ ସୁଶାସନ କର୍ମଶାଳା ପାଳନ

ଭବାନୀପାଟଣା(ମହାଭାରତ): କଳାହାଣ୍ଡି ଜିଲ୍ଲା ସ୍ତରୀୟ ସୁଶାସନ କର୍ମ ଶାଳା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭା ଗୃହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କର୍ମଶାଳା ମୁଖ୍ୟ ଅତିଥି ଭାବେ ପରମବ୍ରହ୍ମ ଯୋଷୀ, ଅବସରପ୍ରାପ୍ତ,ଓଡିଶା ପ୍ରଶାସନିକ ସେବା ଅଧିକାରୀ ଯୋଗଦାନ କରି ସୁଶାସନ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ବିଭିନ୍ନ ଉପାଦାନ ବିଷୟରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରଓ୍ୱାନ ଏବଂ ଅତିରିକ୍ତ ଜିଲ୍ଲାପାଳ,(ରାଜସ୍ୱ)ବଇତୁରା ଦୀପ, ସୁଶାସନ କର୍ମ ଶାଳା ପାଳନ ର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ଏବଂ ଲୋକଙ୍କ ସମସ୍ୟା/ଅଭିଯୋଗ ଆଶୁ ସମାଧାନ ଦିଗରେ ତତ୍ପରତା ଦେଖାଇବା ଏବଂ ନିର୍ଦ୍ଧାଷ୍ଟ ସମୟ ସୀମା ମଧ୍ୟରେ ସମାଧନ କରିବା ଦିଗରେ ଆଲୋକପାତ କରିଥିଲେ। ପରିଶେଷରେ ଡେପୁଟି ଜିଲ୍ଲାପାଳ ସତ୍ୟନାରାୟଣ ମେହେର ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମେଣ୍ଢାଶାଳ ସେମିରେ

ବେଗୁନିଆ,(ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ ସ୍ପୋର୍ଟସ ଆସୋସିଏସନ ପକ୍ଷରୁ ପଞ୍ଚମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ତୃତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଛି । ଏଥିରେ ଇଗଲ ସ୍ପୋର୍ଟିଁ କ୍ଲବ ମେଣ୍ଡାଶାଳ ଓ ଲାୟନ କ୍ରିକେଟ କ୍ଲବ ଡମଣଗାଡିଆ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଛି । ପ୍ରଥମେ ଟସ ଜିତି ଲାୟନ କ୍ରିକେଟ କ୍ଲବ ଡମଣଗାଡିଆ ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ସମସ୍ତ ଉଇକେଟ ହରାଇ ୧୭୨ ରନ ସଂଗ୍ରହ କରିଥିଲାୟ ଜବାବରେ ଇଗଲ ସ୍ପୋର୍ଟିଁ କ୍ଲବ ମେଣ୍ଡାଶାଳ ବିଜୟ ହାସଲ ପାଇଁ ବ୍ୟାଟିଂରେ ବିପର୍ଯ୍ୟୟର ସମ୍ମୁଖିନ ହୋଇ ୧୭୩ ରନ ସଂଗ୍ରହ କରି ସେମିରେ ପ୍ରବେଶ କରିଛି । ଏହି ମ୍ୟାଚରେ ଇଗଲ ସ୍ପୋର୍ଟିଁ କ୍ଲବ ମେଣ୍ଡାଶାଳ ଦଳର ଭାଗିରଥି ବେହେରା ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିଲେ । ଶେଷରେ ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କର ପରିଚାଳକ ସନ୍ତୋଷ କୁମାର ସେନାପତି ଓ ଶିକ୍ଷାପ୍ରେମୀ ରାଜ କିଶୋର ପାଣିଗ୍ରାହୀ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଭଗବାନ ଦାଶ ମେମୋରିଆଲ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ।

# କନକ ବର୍ଦ୍ଧନ ସିଂଦେଓ ଓ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ରାୟଗଡ ଜିଲ୍ଲା ଗସ୍ତ

## ବିଭିନ୍ନ ଉନ୍ନୟନ ଯୋଜନା ଉପରେ ସମୀକ୍ଷା



ରାୟଗଡ(ମହାଭାରତ): ଓଡ଼ିଶାର ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂଦେଓ ଦିନିକିଆ ରୟଗଡ଼ ଜିଲ୍ଲା ଗସ୍ତରେ ଆସି ଜିଲ୍ଲାରେ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ଉପରେ ସମୀକ୍ଷା କାଟିଛନ୍ତି । ଏହି ସମୀକ୍ଷା ବୈଠକରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଝରୀ ଉପସ୍ଥିତ ଥିବା ବେଳେ ରୟଗଡ଼ ଜିଲ୍ଲାପାଳ ଶ୍ରୀମତୀ ପାରୁଲ ପଟାଓ୍ୱରୀ ଅଧକ୍ଷତା କରଥିଲେ । ସମୀକ୍ଷା ବୈଠକ ପୂର୍ବରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼ଃ ମନମୋହନ ସିଂହଙ୍କ ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାରେ ଚାଲୁଥିବା ରେଲୱାଇ ପ୍ରକଳ୍ପ, ଜାତୀୟ ରାଜପଥ ଯୋଜନା ଦ୍ୱାରା ହେବାକୁ ଥିବା ପ୍ରକଳ୍ପ ଗୁଡିକର ଅଗ୍ରଗତି, ରାସ୍ତା ଓ ଗୃହ ବିଭାଗ, ଗ୍ରାମୀୟ ନିର୍ମାଣ ବିଭାଗରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ସେତୁବନ୍ଧ ଯୋଜନା, ବୃହ□ ସେତୁ ବନ୍ଧ ଯୋଜନା ଉପରେ ଆଲୋଚନା କରିଥିଲେ । ସେହିପରି ମହିଳା ଓ ଶିଶୁ ବିକାଶ ଯୋଜନା ଅନ୍ତର୍ଗତ ଅଙ୍ଗନବାଡି କେନ୍ଦ୍ରର ଓ ଏହାର କାର୍ଯ୍ୟକାରିତା, ସୁଭଦ୍ରା ଯୋଜନା ଉପରେ ସମୀକ୍ଷା କରିଥିଲେ । ସେହିପରି ଖାଦ୍ୟଯୋଗଣ ଓ ଖାଉଟି କଲ୍ୟାଣ ଉପରେ ଜିଲ୍ଲାର ଖାଉଟି ସଂଖ୍ୟା, ରେସନ କାର୍ଡ, ଓ ଖାଦ୍ୟ ଅକ୍ଷବଣ୍ଟନ, ଖରିଫ ଧାନ ସଂଗ୍ରହ ଉପରେ ପଚାରି ବୁଝିଥିଲେ । ଏହା ସହିତ ଓରମାସ ତରଫରୁ ସ୍ୱୟଂ ସହାୟକ ମାନଙ୍କ ଦ୍ୱାରା କଣସବୁ କାର୍ଯ୍ୟକ୍ରମ ନିଆଯାଉଛି ସେ ଉପରେ ପଚାରି ବୁଝିଥିଲେ । ଏହାପରେ ଜିଲ୍ଲା ମଙ୍ଗଳ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ବିଭିନ୍ନ ଯୋଜର କାର୍ଯ୍ୟ କାରିତା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଭିତଭୂମି ଓ ସ୍ୱାସ୍ଥ୍ୟ ସେବା ଯୋଗାଇବା ସକ୍ଷମ, ଅନ୍ୟାନ୍ୟ ଯୋଜନା ଓ କାର୍ଯ୍ୟ କାରିତା ଉପରେ ଆଲୋଚନା କରିଥିଲେ । ମଧ୍ୟମ ଜଳସେଚନ ବିଭାଗର ବିଭିନ୍ନ ପ୍ରକଳ୍ପ, କାର୍ଯ୍ୟକାରିତାର ଅଗ୍ରଗତି, ଧାର୍ଯ୍ୟ ସମୟରେ କାର୍ଯ୍ୟ ସମ୍ପାଦନ ଆଦି ଉପରେ ଆଲୋଚନା କରିଥିଲେ। ଜଙ୍ଗଲ ବିଭାଗର ବନିକରଣ, ଜଙ୍ଗଲ ନିଆଁ ପରିଚାଳନା ଓ ମଣିଷ ହାତୀ ବିବାଦର ପରିଚାଳନା ସମୀକ୍ଷା କରିଥିଲେ । ସେହିପରି ଟାଟା ପାୱାର ଉପରେ ଆଲୋଚନା କରି ଗ୍ରାମୀଣ ବିଦ୍ୟୁତ କରଣର ଅଗ୍ରଗତି ଓ ସମସ୍ୟା ଉପରେ ପଚାରି ବୁଝିଥିଲେ କ୍ଷ ଗ୍ରାମୀୟ ଜଳଯୋଗାଣ ସଂସ୍ଥା ଉପରେ ସମୀକ୍ଷା କରି ପିଇବା ପାଣି ଓ ନଳରୁ ଜଳ ଯୋଗାଣ ପ୍ରକଳ୍ପ ଉପରେ ବୁଝିଥିଲେ । ସେହିପରି ସାମାଜିକ ସୁରକ୍ଷା ଯୋଜନଲାର କାର୍ଯ୍ୟ କାରିତା । ଜିଲ୍ଲା ଶିଳ୍ପ କେନ୍ଦ୍ର, ଜିଲ୍ଲା ଦକ୍ଷତା ବିକାଶ, ଜିଲ୍ଲା ଶ୍ରମ ବିଭାଗ, କୃଷି ବିଭାଗ ଓ ସମବାୟ ଉପରେ ସମୀକ୍ଷା କରି ଫସଲ ବୀମା ଯୋଜନାରେ ଚାଷୀମାନେ ଯେପରି ଉପକୃତ ହେବେ ସମନ୍ୱୟ ରକ୍ଷା କରି କାର୍ଯ୍ୟକାରିବାକୁ ମାନ୍ୟବର ରାଜସ୍ୱ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ , ଗ୍ରମୀଣ ଆୱାସ ଯୋଜନାରେ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ଯୋଜନାର ଅଗ୍ରଗତି,ଉଦ୍ୟାନ ବିଭାଗ, ମତ୍ସ୍ୟ ବିଭାଗ, ଜାଲଛାୟା ମିଶନ, ଜିଲ୍ଲା ପ୍ରାଣିସମ୍ପଦ ଆଦି ଉପରେ ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଆରୋକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର, ଅତିରକ୍ତ ଜିଲ୍ଲାପାଳ ଭାସ୍କର ରଇତ, ସିଡିଓ ତଥା ଇଓ ଜିଲ୍ଲାପରିଷଦ, ଶ୍ରୀ ଅକ୍ଷୟ ଖେମୁଣ୍ଡୁ, ଉପଜିଲ୍ଲାପାଳ ଗୁଣୁପୁର ସୁଶ୍ରୀ କିରଣ ଦୀପ କୌର ସାହାଟେ, ଉପଜିଲ୍ଲାପାଳ ରାୟାଗଡ଼, ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା କାନୁନଗୋ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ବିଡ଼ିଓ ଓ ତହସିଲଦାର ମାନେ ଉପସ୍ଥିତ ଥିଲେ । ଶେଷରେ ଉପଜିଲ୍ଲାପାଳ ରାୟଗଡ଼ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦିବ୍ୟାଙ୍ଗ ଙ୍କୁ ସାହାଯ୍ୟ ର ହାତ ବଢ଼ାଇଲା ସ୍ୱେଚ୍ଛାସେବୀ ଅନୁଷ୍ଠାନ



ଅସ୍ତରଙ୍ଗ(ମହାଭାରତ) : ଅସ୍ତରଙ୍ଗ କାକଟପୁର ମୁଖ୍ୟ ସଡ଼କ ରେ ୨୦୨୨ ଡିସେମ୍ବର ୩୧ ତାରିଖ ରେ ଏକ ସଡ଼କ ଦୁର୍ଘଟଣା ରେ ପକ୍ଷାଘାତ ରୋଗ ରେ ଅସ୍ତରଙ୍ଗ ହୀରାଦେଇପୁର ଅ□ଳ ରେ ଜୀବନ ଯୁଦ୍ଧ ରେ ଲଢୁଛନ୍ତି କାକଟପୁର ଶ୍ରୀରାମପୁର ଗ୍ରାମ ର ସାହଜି ନାୟକ ଙ୍କ ପୁତ୍ର ମାନସ କୁମାର ନାୟକ, ଆର୍ଥିକ ଅବସ୍ଥା ଭଲ ନଥିବାରୁ ନିଜ ମାମୁ ଏବେ ନିଜ ପାଖରେ ରଖି ଭରଣ ପୋଷଣ କରୁଥିବା ବେଳେ ତାଙ୍କ ବାପା ମାନସିକ ଚାପ ରେ ଦୀର୍ଘଦିନ ହେବ ନିଖୋଜ ହୋଇଯାଇଛନ୍ତି, ଏବେ ଆର୍ଥିକ ସହାୟତା ପାଇଁ ତାଙ୍କ ମା ମୋତି ନାୟକ ସରକାର ଙ୍କୁ ଆକୁଳ ନିବେଦନ କରିଛନ୍ତି, ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠ ରୁ ନିର୍ଦ୍ଦେଶ ଆସିଥିବା ସତେ ପ୍ରଶାସନ ର ଅବହେଳା ରୁ ତାଙ୍କ ନିକଟରେ ପହଞ୍ଚି ପାରିନି ସହାୟତା । ଏହି ବାବଦରେ ଆମେ ଏକ ଖବର ପ୍ରସାରଣ କରିଥିଲୁ, ଯାହାକୁ ନେଇ ଆଜି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବହୁମୁଖି ଯୁବ ଚାରିଟେବୁଲ ଟ୍ରଷ୍ଟ ଆସି ଉକ୍ତ ଦିବ୍ୟାଙ୍ଗ ଯୁବକ ଙ୍କୁ ଭେଟି ତାଙ୍କୁ ଶୀତ ବସ୍ତ୍ର, ଫଳମୁଳ, କିଛି ପୃଷ୍ଟି କର ଖାଦ୍ୟ ଦେବା ସହ ଦିବ୍ୟାଙ୍ଗ ଙ୍କ ସମସ୍ତ ସରକାରୀ କାଗଜପତ୍ର ଯାଞ୍ଚ କରି ଆଗାମୀ ଦିନ ରେ ନ୍ୟାୟଳୟ ର ଦ୍ୱାରସ୍ତ ହେବା ସହ ଦିବ୍ୟାଙ୍ଗ ଙ୍କ ର ଅଟକି ଥିବା ଦୁର୍ଘଟଣା ଜନିତ ସହାୟତା ରାଶି ପ୍ରଦାନ କରିବାକୁ ସମସ୍ତ ଦାୟିତ୍ୱ ଗ୍ରହଣ କରିବେ ବୋଲି ଟ୍ରଷ୍ଟ ର ସଭାପତି ସୁଶାନ୍ତ କୁମାର ପରିଡା ଓ ସମ୍ପାଦକ ବିଶ୍ୱଜିତ ବିଶ୍ୱାଳ କହିଛନ୍ତି, ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ର ଏଭଳି କାର୍ଯ୍ୟକ୍ରମ ରେ ଅନୁଷ୍ଠାନ ଯୁବ ଉଦ୍ୟୋକ୍ତା ବବୁଲ ନାୟକ , ସମାଜସେବୀ ଆ□ତ୍ରାଣ ମହାନ୍ତି ଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ ।

# ବାରଟୁଣିଆ ଗ୍ରାମବାସୀ ପାଣି ପାଇଁ ବିଡ଼ିଓ ଙ୍କୁ ଦାବିପତ୍ର



ପାଟଣା:-(ମହାଭରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପିଲାଣଘାଟି ପଞ୍ଚାୟତ ଅନ୍ତର୍ଗତ ବାରଟୁଣିଆ ଗ୍ରାମରେ ଶୀତ ଦିନରେ ବି ପାଣି ସଙ୍କଟ ଦେଖିବାକୁ ମିଳି ଛି । ସୂଚନା ରୁ ପ୍ରକାଶ ଦୀର୍ଘ ଦୁଇବର୍ଷ ହେବ ବାରଟୁଣିଆ ଗ୍ରାମରେ ପାଣି ସଙ୍କଟ ଭୋଗୁଛନ୍ତି । ଗ୍ରାମରେ ୨୦ଟି ଘର ରହିଥିବା ଲୋକେ ପାଣି ପାଇଁ ଗୋଟିଏ ନଳକୂପ ଓ ବସୁଧା ଯୋଜନା ରେ ପାଣି ସୁବିଧା ଥିଲେ ମଧ୍ୟ ବାରଟୁଣିଆ ଗ୍ରାମବାସୀ ପାଣି ପାଇ ବାରେ ଘୋର ଅସୁବିଧା ସମ୍ମୁଖୀନ ଦେଉ ଦେଖିବାକୁ ମିଳୁଛି । ନଳକୂପ ରୁ କି ବସୁଧା ଯୋଜନା ରୁ ପାଣି ନ ପାଇ ଲୋକେ ଚୁଆ ପାଣି ଆଣି ପିଉଛନ୍ତ। ଏନେଇ ଗ୍ରାମବାସୀ ମାନେ ପିଲାଣଘାଟି ସରପ□ ରାଉତ ମୁଣ୍ଡା ଓ ପଞ୍ଚାୟତ ଅଧିକାରୀ ଙ୍କୁ ବାରମ୍ବାର ପାଣି ପାଇଁ ଅଭିଯୋଗ କଲା ପରେ ବି କୌଣସି ସୁଫଳ ନ ମିଳିବାରୁ ଶୁକ୍ରବାର ଦିନ ବାରଟୁଣିଆ ଗ୍ରାମର ମହିଳା ମାନେ ପାଟଣା ବ୍ଲକ କାର୍ଯ୍ୟାଳୟ କୁ ଆସି ବିଡ଼ିଓ ମାନସ କୁମାର ଦଣ୍ଡପାଟ କୁ ପାଣି ପାଇଁ ଏକ ଲିଖିତ ଅଭିଯୋଗ ଜଣାଇ ଛନ୍ତି । ଅଭିଯୋଗ କୁ ଭିତ୍ତି କରି ବିଡ଼ିଓ ବୈଶାଖ ମାସ ପୂର୍ବ ରୁ ବାରଟୁଣିଆ ରେ ଦୁଇଟି ନୂତନ କୂଅ ଓ ଗୋଟିଏ ନଳକୂପ ଖୋଦନ କରାଯିବା ସହ ପୁରୁଣା ନଳକୂପ କୁ ମରାମତି କରାଯିବ ବୋଲି ପ୍ରତିଶୃତି ଦେଇ ଛନ୍ତ।

# ଦୁଇ ଦିନ ବର୍ଷା ରେ ନନ୍ଦିପଦା ଥାନା ରାସ୍ତା କାଦୁଅ ରେ ଭର୍ତ୍ତି

ହାଟଡିହି ଗତ ଦୁଇ ଦିନ ବର୍ଷା ରେ ଆନନ୍ଦପୁର ଉପଖଣ୍ଡ କେତେକ ରାସ୍ତା କାଦୁଅ ରେ ଭର୍ତ୍ତି ହୋଇଥିବା ବେଳେ ବାଦ୍ ପଡିନି ନନ୍ଦିପଦା ଥାନାର ଯାତାୟାତ ରାସ୍ତା ଟିୟ ଦୈନିକ ନନ୍ଦିପଦା ଥାନା କୁ ଅଭିଯୋଗ କରିବାକୁ ପାଖା ପାଖି ଦଶ ଟି ପଞ୍ଚାୟତ ରୁ ଅଧିକ ଲୋକ ଆସୁଥିବା ବେଳେ ମାତ୍ର ଥାନା କୁ ଯିବା ର ରାସ୍ତା ଟି ଶୋଚନୀୟ ହୋଇ ପଡ଼ିଛି। ସେହି ରାସ୍ତା ଟିରେ ପାଦ ରେ ଚାଲି ଚାଲି ଯିବା ଆଦୌ ସମ୍ଭବ ନୁହେଁ। ଆଉ ଯଦି ବାଇକ୍ ରେ ଯିବେ ତାହାଲେ ଭଗବାନ ଙ୍କୁ ଭରଷା କରି ଯିବାକୁ ପଡିବ। ପ୍ରତିଦିନ ଥାନା ଗାଡ଼ି ଟି ଯିବା ଆସିବା ରେ ନାନା ସମସ୍ୟା ସୃଷ୍ଟି ହେଉଛି। ଯାହାକୁ ନେଇ ଲୋକେ ସମସ୍ୟା ଏବେ କେଉଁ ରାସ୍ତା ରେ ଯିବେ ତାହାକୁ ନେଇ ଚିନ୍ତାରେ। ଏହି ରାସ୍ତା ଲୋକଙ୍କ ର ସବୁ ବେଳେ କାମ ଆସୁଥିବାରୁ ବ୍ଲକ ଅଧିକାରୀ ଉକ୍ତ ରାସ୍ତା ପ୍ରତି ଧ୍ୟାନ ଦେଲେ ଲୋକେ ସୁବିଧା ରେ ଥାନା କୁ ଯାଇ ପାରିବେ।

# ଲୋକଙ୍କ ସହିତ ଆମେ ରହିଛୁ: ଦଶପଲ୍ଲା ବିଧାୟକ



ଦଶପଲ୍ଲା /ନୂଆଗାଁ (ମହାଭାରତ) : ରାଜ୍ୟରେ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳ ୨୮ ତମ ପ୍ରତିଷ୍ଠା ଦିବସ ପାଳନ କରୁଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନ ବିରୋଧି ଦଳର ନେତା ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ବିଜେଡ଼ିର ୨୮ ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ,ଦଶପଲ୍ଲା ଦୂର୍ଗାବଜାର ରୁ ଶହ ଶହ ବାଇକ୍ ଶୋଭାଯାତ୍ରାରେ ବାହାରି ମେଡିକାଲ ଛକରେ ପହଞ୍ଚି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା। ବର୍ତ୍ତମାନ ବିଜେପି ସରକାର ହେଉଛି ମିଛୁଆ ସରକାର। ନିର୍ବାଚନ ପୂର୍ବରୁ ଜନସାଧାରଣ ମାନଙ୍କୁ ୩ହଜାର ଟଙ୍କା ଭତ୍ତା ବର୍ଦ୍ଧିତ କରିବା, ୩ଶହ ୟୁନିଟ୍ ମାଗଣା ବିଜୁଳି ଦେବା, ପ୍ରତ୍ୟେକ ମହିଳା ମାନଙ୍କୁ ୨୫ହଜାର ,୨୫ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ଦୁଇବର୍ଷରେ ୫୦ହଜାର ଟଙ୍କା ନଗଦ ଭାଉଚର ଦେବା , ପ୍ରତ୍ୟେକ ମହିଳାଙ୍କୁ ୧ହଜାର ଟଙ୍କା ଦେବା,୨୪ ଘଣ୍ଟା ଭିତରେ ଚିଟଫଣ୍ଡ ଟଙ୍କା ଫେରସ୍ତ କରିବା ଆଦି ବିଭିନ୍ନ ପ୍ରସଙ୍ଗ କହି ବିଜେପି ସରକାରକୁ ଆସିବାପରେ ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ଏଥି ସହିତ ଲୋକମାନଙ୍କ ପ୍ରତି କୁଠାର ଘାତ , ଲୋକମାନଙ୍କର ଯେଉଁ ଆବଶ୍ୟକତା ରହିଛି ତାକୁ ପୂରଣ ନକରି ଅଣଦେଖା କରୁଥିବା ବିଧାୟକ ଶ୍ରୀ ବେହେରା କହିଥିଲେ। ଆଜି ବିଜୁ ଜନତା ଦଳର ଭୂମିକା ପରିବର୍ତ୍ତନ ହୋଇଥିଲେ ମଧ୍ୟ ଆଗାମୀ ଦିନରେ ଆମେ ଲୋକଙ୍କ ସହିତ ଅଛୁ, ଲୋକଙ୍କ ପାଖରେ ରହିବୁ, ଲୋକଙ୍କର ସେବା କରିବୁ, ଲୋକଙ୍କ ପାଇଁ କାମ କରିବୁ ଓ ଲୋକମାନଙ୍କ ସହ ସୁଖ ଦୁଃଖର ସାଥି ହୋଇ ପାଖରେ ଛିଡା ହେବୁ ବୋଲି ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ଦଶପଲ୍ଲା ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଦଶପଲ୍ଲା ଏନ୍ ଏସି ଅଧ୍ୟକ୍ଷା ପୁନମ୍ ପ୍ରିୟଦର୍ଶିନୀ, ନୂଆଗାଁ ବ୍ଲକ ବିଜେଡ଼ି ସଭାପତି ସନାତନ ସାମଲ,ଦଶପଲ୍ଲା ଏନ୍ ଏସି ର ସମସ୍ତ କାଉନସିଲର , ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ ଏଥି ସହିତ ତିନିଗୋଟି ବ୍ଲକର ସମସ୍ତ ନିର୍ବାଚିତ ଜନପ୍ରତିନିଧି ସମେତ ଶତାଧିକ ବିଜେଡ଼ିର ବରିଷ୍ଠ ,ଯୁବ ଛାତ୍ର ମହିଳା , ଦୃଢ଼ ସଂଗଠନ ଓ ସମସ୍ତ ୱିଙ୍ଗର କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ ।କାର୍ଯ୍ୟକ୍ରମକୁ ଦଶପଲ୍ଲା ବ୍ଲକ ବିଜେଡ଼ି ସଭାପତି ସୁଦାମ ଚରଣ ନାୟକ ନାୟକ ପରିଚାଳନା କରିଥିଲେ।

# ନିର୍ମାଣ ଅନୁଷ୍ଠାନ ତରଫରୁ କୁଟିଆ କନ୍ଧଙ୍କ ବୁର୍ଲାଙ୍ଗ ଯାତ୍ରା ପାଳନ



ତୁମୁଡିବନ୍ଧ (ମହାଭାରତ) କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ବେଲଘର ଗ୍ରାମ ପଞ୍ଚାୟତ ସ୍ଥିତ କୁଟିଆକନ୍ଧ ଗ୍ରାମ ଦେଓଗଡା ରେ ପାଳନ ହେଇଚି ଚଳିତ ବର୍ଷ ୨୦୨୪ ବୁର୍ଲାଙ୍ଗ ଯାତ୍ରା ପାଳନ କରାଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ହରପାଳ, ନିର୍ମାଣ ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଶାନ୍ତ ମହାନ୍ତି ବରିଷ୍ଠ ବିଜେପି ନେତା ନେତ୍ର ମାନସେଟ ବିଜେପି ଯୁବ ନେତା ବାବୁଲା ମାଝୀ, ଗଙ୍ଗା ଗରଡ଼ିଆ ଙ୍କ ସମେତ କୃଷି ବିଭାଗ, ଉଦ୍ୟାନ ବିଭାଗ, ସମନ୍ୱିତ ଶିଶୁ ବିକାଶ ବିଭାଗ ଓ ତୁମୁଡିବନ୍ଧ ବ୍ଲକ ରେ କାର୍ଯ୍ୟରତ ସମସ୍ତ ସରକାରୀ ଓ ବେସରକାରୀ ସଂସ୍ଥା ର ଅଧିକାରୀ ଯୋଗଦେଇଥିଲେ । ଆଦିବାସୀ ସାଂସ୍କୃତିକ ନୃତ୍ୟ ବାଦ୍ୟ ଯନ୍ତ୍ର ମାଧ୍ୟମରେ କାର୍ଯ୍ୟକ୍ରମ ରେ ଉପସ୍ଥିତ ହେଇଥିବା ଅତିଥିଙ୍କୁ ସ୍ୱାଗତ କରି ପାଛୋଟି ନେଇଥିଲେ ଉପସ୍ଥିତ ଥିବା କୁଟିଆ କନ୍ଧ ଆଦିବାସୀ । ଏହି କାର୍ଯ୍ୟକ୍ରମ କୁ ନିର୍ମାଣ ଅନୁଷ୍ଠାନ ତୁମୁଡିବନ୍ଧ ଶାଖା ର ଜୟ ବାବୁ ଏବଂ ରେଶମା ଡାଙ୍ଗ ପରିଚାଳନା କରିଥିଲେ ।କୁଟିଆ କନ୍ଧ ଜନଜାତି ମାନଙ୍କ ପାଇଁ ବୁର୍ଲାଙ୍ଗ ଯାତ୍ରା ଏକ ସ୍ୱତନ୍ତ୍ର ଯାତ୍ରା ଓ ଏହି ଯାତ୍ରା ର ମୁଖ୍ୟ ଉଦେଶ୍ୟ ହେଉଛି ଯେ କୁଟିଆ କନ୍ଧ ଜନଜାତି ସମ୍ପ୍ରଦାୟ ର ଲୋକମାନେ ଚାଷ କରିବାପରେ ଚାଷରେ ଅମଳ ହେଇଥିବା ଶସ୍ୟ କୁ କଳସି ସଦୃଶ ବାଉଁଶ ଦ୍ୱାରା ନିର୍ମିତ ବୁର୍ଲାଙ୍ଗ ନାମକ ଏକ ସ୍ଥାନରେ ରଖି ଅମଳ ହେଇଥିବା ଶସ୍ୟ କୁ କୁଟିଆ କନ୍ଧଙ୍କ ଆରାଧ୍ୟ ଦେବି ଡିମ୍ବୁଲ ମାତାଙ୍କ ଉଦେଶ୍ୟ ରେ ପୂଜା କରିବାପରେ ଶସ୍ୟ କୁ ଖାଇବା ଆରମ୍ଭ କରିଥାନ୍ତି । କୁଟିଆ କନ୍ଧଙ୍କ କହିବା ଅନୁଯାଇ ଅମଳ ହେଇଥିବା ନୂଆ ଶସ୍ୟ କୁ ପ୍ରଥମେ ଆରାଧ୍ୟ ଦେବି ଭୋଜନ କରିବାପରେ ନିଜେ ଖାଇଥାନ୍ତି ଏହା ଦ୍ୱାରା ଆଗାମୀ ଦିନରେ କରିବାକୁ ଯାଉଥିବା ଶସ୍ୟ ଅତି ଉର୍ବର ହେବ ବୋଲି ବିଶ୍ୱାସ କରନ୍ତି । ଏହି ପର୍ବ କୁଟିଆ କନ୍ଧ ମାନେ ସେମାନଙ୍କ ଗୁତ୍ର ବା ବଂଶ ଅନୁଯାଇ ଏକତ୍ରିତ ହେଇ ଘର ବାରିପଟେ ବୁର୍ଲାଙ୍ଗ ରଖି ଅମଳ ଶସ୍ୟ ପୂଜା କରିଥାନ୍ତି କିନ୍ତୁ ଚଳିତ ବର୍ଷ ଓଡିଶା ସରକାରଙ୍କ ସହଯୋଗ ରେ ନିର୍ମାଣ ଅନୁଷ୍ଠାନ ର ନେତୃତ୍ୱ ରେ ଚଳିତ ବର୍ଷ ଆଡମ୍ବର ଭାବେ କୁଟିଆ କନ୍ଧ ଓ ଆଦିବାସୀ ମାନଙ୍କ ଉଦେଶ୍ୟରେ ବୁର୍ଲାଙ୍ଗ ଯାତ୍ରା ପାଳନ କରାଯାଇଛି । ଏହି ଅବସରରେ ଚଳିତ ବର୍ଷ ବିଭିନ୍ନ କିସମ ର ଚାଷ କରି ସଫଳତା ପାଇଥିବା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ର ମହିଳା ମାନଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯାଇଛି । ନିର୍ମାଣ ର ବିଭିନ୍ନ ଜିଲ୍ଲାର ଶାଖା ରୁ ଆସିଥିବା ନିର୍ମାଣ ଅନୁଷ୍ଠାନ ରେ କାର୍ଯ୍ୟରତ ଅଧିକାରୀ ମାନେ ଏକ ଷ୍ଟଲ ମାଧ୍ୟମରେ ଏକ ସଚେତନତା ଶିବିର ଆୟୋଜନ କରିଥିଲେ। ଏହି ଷ୍ଟଲ ରେ ଚାଷ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଉପସ୍ଥିତ ଚାଷୀ ମାନଙ୍କୁ ଅଧିକାରୀ ମାନେ ପ୍ରଦାନ କରିଥିଲେ। ପରିଶେଷରେ ଛାତ୍ରୀ ମାନଙ୍କ ଦ୍ୱାରା ଆଦିବାସୀ ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା ।

# ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା -୨୦୨୫ ର ପ୍ରସ୍ତୁତି ବୈଠକ

ଗୋଲାମୁଣ୍ଡା (ମହାଭାରତ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ର ପ୍ରସ୍ତୁତି ବୈଠକ ବ୍ଲକ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଙ୍କ ଅଧ୍ୟକ୍ଷତାରେ ବିଡ଼ିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ ନାୟକ,ବିଇଓ ଭବାନୀଶଙ୍କର ଯୋଶୀ, ଅଧ୍ୟାପକ ପ୍ରଦୀପ ମିଶ୍ର,ଦଶପୁର ସମିତି ସଭ୍ୟ ଦୁର୍ଗେଶ ସାହୁ ପ୍ରମୁଖ ମ□ସିନ ଥିବା ବେଳେ ପୋଲିସ ବିଭାଗ ଅଧିକାରୀ, ବନ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ,,କୃଷି ବିଭାଗ ଅଧିକାରୀ, ସିଡିପିଓ ବିଭିନ୍ନ ପଞ୍ଚାୟତ ର ସରପ□, ସମିତି ସଦସ୍ୟ, ଗଣ ମାଧ୍ୟମ ପ୍ରତିନିଧି ଗଣ, ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ହୋଇ ବିଭିନ୍ନ ବିଭାଗର ପରିଚାଳନା କମିଟି ଗଠନ କରାଗଲା । ସର୍ବ ସମ୍ମତି କ୍ରମେ ଆସନ୍ତା ୨୦୨୫ ଜାନୁଆରୀ ମାସ ତା ୧୦,୧୧,୧୨ ତିନିଦିନ ଧରି ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମରେ ଅନୁଷ୍ଠିତ କରିବା ପାଇଁ ସ୍ଥିରୀକୃତ କରାଗଲା । ଉତ୍ସବକୁ ଲୋକ ଆକର୍ଷଣ କରିବା ପାଇଁ ବିଭିନ୍ନ ଲୋକ କଳା ପରିବେଷଣ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଲୋକ କଳା ନିମନ୍ତ୍ରଣ କରିବା ସହ ସିନେ ଜଗତର ଲୋକ ପ୍ରିୟ କଳାକାର ମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ଆଲୋଚନା କରାଗଲା ତତ ସହିତ ମିନା ବଜାରର ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ କରାଯାଇଛି ।

# ବିଜୁ ଜନତା ଦଳ ପକ୍ଷରୁ ୨୮ତମ ପ୍ରତିଷ୍ଠା ଦିବସ ପାଳିତ

ରାଇଘର(ମହାଭାରତ) ବିଜୁ ଜନତା ଦଳ ପକ୍ଷରୁ ୨୮ତମ ପ୍ରତିଷ୍ଠା ଦିବସ ପାଳିତ,ଆଜି ନବରଙ୍ଗପୁର ଜିଲ୍ଲା ସୀମାନ୍ତ ରାଇଘର ସଦର ମହକୁମାରେ ଥିବା ତପନ କଲ୍ୟାଣ ମଣ୍ଡପ ଠାରେ ବିଜୁ ଜନତା ଦଳ ପକ୍ଷରୁ ୨୮ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ପ୍ରତିଷ୍ଠା ଦିବସରେ ଗତ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଶୋଚନୀୟ ପରାସ୍ତ ହୋଇଥିବା କୁ ଦୁଃଖ ପ୍ରକାଶ ନ କରି ପୂର୍ବ ଭଳି ଜନ ସାଧାରଣଙ୍କ ସହ ଯୋଡି ହୋଇ ଲୋକଙ୍କ ସମସ୍ୟା ବୁଝିବା ସହ କିଭଳି ଆଗାମୀ ତ୍ରି ସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯିବ ଏବଂ ଆଗାମୀ ନିର୍ବାଚନ ରେ ପୁନର୍ବାର ଓଡିଶାରେ ବିଜୁ ଜନତା ଦଳ ବିଜୟୀ ଲାଭ କରି ସତ୍ତାକୁ ଆସି ପାରିବ ସେ ବିଷୟରେ ଆଲୋଚନା କରାଯାଇଛି।

## ବରୀ ବିଜେଡି ପକ୍ଷରୁ ୨୮ ତମ ପ୍ରତିଷ୍ଠା ଦିବସ ପାଳିତ

ବରୀ,(ମହାଭାରତ):ନବୀନ ପଟ୍ଟନାୟକଙ୍କ ଦୀର୍ଘ ତିନି ଦଶନ୍ଧିର ରାଜନୈତିକ ଇତିହାସ ସ୍ୱର୍ଣ୍ଣକ୍ଷରେ ଲିପିବଦ୍ଧ ହୋଇ ରହିବ। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ଏହି ଦଳର ମୁଖିଆ ନେତା ଓ କର୍ମ କର୍ତା ମାନଙ୍କ ନିଷ୍ଠା ଯୋଗୁଁ ଓଡିଶାର ବିକାସ ସମ୍ଭବ ହୋଇ ପାରିଥିଲା। ବର୍ତମାନ ସରକାରଙ୍କ ତୃଟି ପୁର୍ଣ୍ଣ ନିଷ୍ପତି ଯୋଗୁଁ କୃଷକ ଶ୍ରମିକ ଓ ସାଧାରଣ ଲୋକ ମାନେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧି ଯୋଗୁଁ କେତେଯେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତାହା ସମସ୍ତେ ଜାଣି ସାରିଲେଣି। ଆଜି ବରୀ ବ୍ଲକ ଅଧିନସ୍ଥ କୀମ୍ବିରିଆପାଳ ପଂଚାୟତର ମାଳଦା ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବରୀ ବିଜେଡି ପକ୍ଷରୁ ପ୍ରତିଷ୍ଠା ଦିବସ ଅବସରରେ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଏଭଳି ମତ ରଖିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବରୀ ବିଜୁ ଜନତା ଦଳର ସଭାପତି କେଦାର ଚନ୍ଦ୍ର ସାମଲ ସଭାପତିତ୍ୱ କରିଥିବା ବେଳେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି ଉପାଧ୍ୟକ୍ଷ ଅର୍ଚ୍ଚନା ମଲ୍ଲିକ,ଜିଲ୍ଲାପରିଷଦ ଦିଲ୍ଲିପ ମହାନ୍ତି,ଅଶୋକ ସାମଲ,ସନ୍ତୋଷ ସାମଲ,ସ୍ଥାନୀୟ ସରପଂଚ ହରପ୍ରିୟା ସାହୁ, ମଧୁସ୍ମିତା ବେହେରା, କୈଳାସ ମଲିକ,କୁନା ମଲିକ,ସମିତି ସଭ୍ୟ ଶ୍ରୀଧର ସେଠି,ଚିନ୍ତାମଣି ଜେନା,ପ୍ରସନ୍ନ ସାମଲ,ଶ୍ରୀମତୀ ଭାରତୀ ବିଶ୍ୱାଳ,ଗଣେଶ ଚନ୍ଦ୍ର ମହାକୁଲ,ଦୁର୍ଯ୍ୟଧନ ପାତ୍ର,ଅରବିନ୍ଦ ମହାନ୍ତିଙ୍କ ସମେତ ବିଜୁ ଜନତା ଦଳର ବହୁ ଆଗଧାଡିର କର୍ମି ମାନେ ଯୋଗ ଦେଇଥିଲେ।ଅଅଗାମି ଦିନରେ ସମସ୍ତ ଦଳୀୟ କର୍ମୀ ମାନେ ନିଷ୍ଠାର ସହ ସରକାରଙ୍କ ତରଫରୁ ଆସୁଥିବା ଯୋଜନା ଯେଭଳି ଦଳୀୟ ଭିତିରେ କରା ନଯାଏ ସେଥିପ୍ରତି ଦୃଷ୍ଟି ଦେବା ସହିତ ସାଧାରଣ ଲୋକଙ୍କ ନିକଟତର ହୋଇ ଦଳର ସଂଗଠନକୁ ସୁଦୃଢ କରିବା ନିମନ୍ତେ ଉଦ୍ୟମ ଜାରି ରଖିବାକୁ ଉପସ୍ଥିତ ଦଳୀୟ କର୍ମୀ ମାନଙ୍କୁ ମଂଚାସିନ ବକ୍ତା ମାନେ ଆହ୍ୱାନ ଦେଇଥିଲେ।

## ଜାତୀୟ ଶ୍ରେଷ୍ଠ ଲେଖକ ଭାବେ ପୁରସ୍କୃତ ହେବ ହୀରାଧର

ଟିଟିଲାଗଡ (ମହାଭାରତ,) ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କଅସର ପଂଚାୟତ କେଛୋମହାଣ ଗାଁର ହୀରାଧର ଗହୀର ହଜାର ହଜାର ଗୀତ ରଚନା କରି ବିଭିନ୍ନ ସ୍ଥାନରେ ପୁରସ୍କୃତ ହେବା ସହ ହଜାର ହଜାର ଦର୍ଶକକଙ୍କ ମନକୁ ଛୁଇଁ ପାରିଛନ୍ତି। ଅନେକ ଗୀତ ସୁପୁରହିଟ ମଧ ହୋଇ ପାରିଛି। ହୀରାଧର ଙ୍କ ଅନେକ ସମ୍ବଲପୁରୀ ଗୀତ,କୋଶଳି ଫିଲ୍ମ ଏବଂ କମେଡି ସବୁବେଳେ ଚର୍ଚ୍ଚା ରେ ରହି ଥିବା ବେଳେ ପୁରୀ ଜିଲ୍ଲା ଟାଉନ୍ ହଲ ଠାରେ ଶ୍ରୀଯୁକ୍ତ ଗହୀର ଙ୍କୁ ଜାତୀୟ ସ୍ତରୀୟ ଶ୍ରେଷ୍ଠ ଲେଖକ ଭାବେ ସମ୍ମାନିତ ହେବାକୁ ଯାଉ ଥିବା ବେଳେ ଅଂଚଳ ରେ ଖୁସିର ଲହରି ଖେଳି ଯାଇଛି। ଖବର ପ୍ରସାରିତ ହେବା ପରେ କଣ୍ଠ ଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ଆବେଦ ନାଗ, ରୁକୁ ସୁନା, ଜନକ ସେଠ, ଅଜୟ ଦାସ, ଅଜିତ ସାହୁ, ବ୍ଲକ ଉପାଧ୍ୟକ୍ଷ ଗୁଣ ସାଗର ମାଝୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## କବିତା ପାଠ କାବ୍ୟାଞ୍ଜଳି ପୁସ୍ତକ ଉନ୍ମୋଚନ

ପାଟଣା:-(ମହାଭରତ)ଦେଶ ବ୍ୟାପି ଯଜସ୍ୱୀ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରି ବାଯେପୟୀ ଶହେ ତମ ଜନ୍ମ ଜୟନ୍ତୀ କେନ୍ଦୁଝର ଜିଲ୍ଲା ପାଟଣା ସ୍ୱାମ କଲ୍ୟାଣି ମଣ୍ଡପ ଠାରେ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ଟି କବି ଭାବଗ୍ରାହୀ ମହାନ୍ତ ଙ୍କସଂଯୋଜନା ରେ ଅନୁଷ୍ଠିତ ହୋଇ ଥିଲା । ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକଯୋଗଦାନ କରି ବାଯେପୟୀ ଙ୍କ ,ରାଧାକାନ୍ତ ମହାନ୍ତ,ମୁଖ୍ୟବକ୍ତା କବି ଭରତ ଚନ୍ଦ୍ର ସାହୁ,ସମ୍ମାନିତ ଅତିଥି ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂ,ରାଜ୍ୟ କାର୍ଯ୍ୟ କାରଣୀ ସଦସ୍ୟ ରାଧାକାନ୍ତ ମହାନ୍ତ,ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ମହାନ୍ତ,ପଞ୍ଚାନନ ଦାଶ,ଅଜିତ କୁମାର ଦାଶ ଉପସ୍ଥିତ ଥିଲେ । ବାଯେପୟୀ ଙ୍କ ଜୀବନୀ,ଦେଶ ଭକ୍ତି, ରାଜନୈତିକ ଉପରେ ତାଙ୍କୁ ମନେ ପକାଇ କବି ରଜତ କୁମାର ଦାଶ,ବିର କିଶୋରକର ଦାଶ,ଅବସର ଶିକ୍ଷକ କୃଷ୍ଣ ଚନ୍ଦ୍ର ଦାଶ,ହିନ୍ଦୀ ଶିକ୍ଷକ ସରୋଜ କୁମାର ଦାଶ କବିତା ପାଠ କରିବା ସହ ବାଜେପେୟୀ ଙ୍କ ଏକ ଜନ୍ମ ଜୟନ୍ତୀ ଉପଲକ୍ଷେ କାବ୍ୟାଞ୍ଜଳି ପୁସ୍ତକ ଉନ୍ମଚନ କରାଯାଇଛି।

## ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆୟୋଜିତ 'ପାରାଦୀପ ମହୋତ୍ସବ' ଉଦଘାଟିତ

ପାରାଦୀପ (ମହାଭାରତ): ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳ ବିହାରୀ ବାଜପାୟୀ ଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ପ୍ରତିବର୍ଷ ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ସପ୍ତାହ ବ୍ୟାପି 'ପାରାଦୀପ ମହୋତ୍ସବ' ଆୟୋଜିତ ହୋଇଥାଏ । ଏହି ପରିପ୍ରେକ୍ଷୀରେ ଡିସେମ୍ବର ୨୫ ତାରିଖ ଅଟଳ ବିହାରୀ ଙ୍କ ୧୦୦ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ଜୟଦେବ ସଦନ ଠାରେ 'ପାରାଦୀପ ମହୋତ୍ସବ-୨୦୨୫' ଉଦଘାଟିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସରକାର ଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଜପାୟୀ ଙ୍କ ଫୋଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଏହି ସପ୍ତାହ ବ୍ୟାପି ମହୋତ୍ସବ କୁ ଉଦଘାଟନ କରିଥିଲେ ମୁଖ୍ୟ ଅତିଥି ଶ୍ରୀ ସ୍ୱାଇଁ ନିଜ ବକ୍ତବ୍ୟ ରେ ବାଜପାୟୀ ଙ୍କ ଦର୍ଶନ,ଦେଶ ପ୍ରତି ଅବଦାନ ଉପରେ ଆଲୋକପାତ କରି ବାଜପାୟୀ ଙ୍କ ସ୍ମୃତି କୁ ଉଜ୍ଜୀବିତ କରି ରଖିବା ପାଇଁ ଅଟଳ ମେମୋରିଆଲ ଟ୍ରଷ୍ଟ ଦ୍ୱାରା ଆୟୋଜିତ ଏହି ମହୋତ୍ସବ ଏବଂ ପ୍ରଚେଷ୍ଟା କୁ ଉଚ୍ଚ ପ୍ରଶଂସା କରିଥିଲେ । ଟ୍ରଷ୍ଟ ର କାର୍ଯ୍ୟକାରୀ ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂ, ବିଜେପି ନେତା ତପନ ତ୍ରିପାଠୀ,ପାରିଷଦ ପ୍ରତାପ ନାୟକ, ଆଇନଜୀବୀ ରଶ୍ମିରଞ୍ଜନ ସାମନ୍ତରାୟ,ସରପ□ ଦେବେନ୍ଦ୍ର ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଟଳବିହାରୀ ଙ୍କ ସ୍ମୃତିଚାରଣ କରିଥିଲେ । ଚଳିତ ଡିସେମ୍ବର ୨୫ ରୁ ୩୧ ତାରିଖ ଦୀର୍ଘ ସାତଦିନ ଧରି ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବରେ ବିଭିନ୍ନ ସାମଗ୍ରିକ ବଜାର, ଖାଦ୍ୟ ଷ୍ଟଲ, ରାମଦୋଳି ସମେତ ବିଭିନ୍ନ ସନ୍ଧ୍ୟାରେ ଖ୍ୟାତନାମା କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ, ମଣ୍ଟୁ ଛୁରିଆ, ଦିପ୍ତୀରେଖା ପାଢ଼ୀ ଙ୍କ ସମେତ ନାମୀ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ରହିଛି ।



### ଲୁହାପଥର ଉପରେ ମାଫିଆ ଙ୍କ କବଜା,

## ଚୋରା ଚାଲାଣ ବେଳେ ତିନି ଟ୍ରକ ସହ ଜେସିବି ମେସିନ ଜବତ

ଯୋଡା, (ମହାଭାରତ)କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ନୟାଗଡ଼ ରେଳ ସାଇଡିଙ୍ଗ ନିକଟରେ ଚୋରା ଚାଲାଣ କରୁଥିବା ବେଳେ ତିନି ଟ୍ରକ୍ ସହ ଜେସିବି ମେସିନ ଜବଦ୍ କଲା। ପୋଲିସ୍ ବିଶେଷ ସୁତ୍ରରୁ ଜଣାପଡିଛି ଗଛିତ ଥିବା ଲୁହାପଥର ଉପରେ ଖଣି ମାଫିଆ ମାନେ କବଜା କରି ଚୋରା ଚାଲାଣ କରୁଥିବା ଜଣାପଡିଛି। ସେହି ଗଛିତ ଲୁହାପଥର ଷ୍ଟକ୍ ରୁ ଦିନ ରାତି ପରିବହନ ହେଉଛି ଗୁରୁବାର ରାତ୍ରି ରେ ଉକ୍ତ ଷ୍ଟକ୍ ରୁ ଲୁହାପଥର ବୋଝେଇ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବାମେବୟରି ପୋଲିସ ସଦଳବଳେ ଚଢ଼ାଉ କରି ଥିଲା । ଏହି ଚଢାଉ ବେଳେ ଲୁହାପଥର ବୋଝେଇ ହେଉଥିବା ୩ଟି ଟ୍ରକ ନଂ ଟି ଏସ ୩୪ ଟି ୨୨୭୭,ଟିଏସ୩୪ ଟି ବି୫୫୯୯, ଏଚ ଆର୍ ୩୮ଜେଡ ୪୮୫୯ ଓ ଗୋଟିଏ ଜେସିବି ମେସିନ ନଂ ଓଡ଼ି ୦୪ ଏସ୍ ୯୬୮୦ କୁ ଜବତ କରିଛି ପୋଲିସ ଏହି ଅତର୍କିତ ର ଚଢ଼ାଉ ବେଳେ ଗାଡି ଓ ମେସିନ ଛାଡି ଡ୍ରାଇଭର, ମେସିନ ଅପରେଟର ଫେରାର ହୋଇ ଯାଇଛନ୍ତି ମିଳିଥିବା ସୂଚନା ଅନୁଯାୟୀ ଗତ ୨୦୧୦ ମସିହାରୁ ନୟାଗଡ଼ ରେଳ ସାଇଦିଂ ନିକଟ ନୟାଗଡ଼-ପଳାସପଙ୍ଗା ରାସ୍ତା କଡରେ ଥିବା ଏକ ପ୍ଲଟ ରେ ଲୁହାପଥର ଗୁଣ୍ଡ ଏକ ରପ୍ତାନି କାରୀ ସଂସ୍ଥା ପକ୍ଷରୁ ଗଛିତ ରଖାଯାଇ ଥିଲା ସେ ସମୟରେ ଖଣି ବିଭାଗ ପକ୍ଷରୁ ଖଣି ବାହାର ଅଂଚଳ ରେ ଗଛିତ ରଖୁଥିବା ସଂସ୍ଥା ର ଷ୍ଟୋରିଙ୍ଗ ଲାଇସେନ୍ସ ରଦ୍ଦ କରାଯାଇ ଥିଲା ଫଳରେ ସଂପୃକ୍ତ ସଂସ୍ଥା ଏହି ଲୁହାପଥର କୁ ରପ୍ତାନି କରି ନ ପାରିବାରୁ ସେଠାରେ ଉକ୍ତ ଖଣିଜ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିଲା । ଦୀର୍ଘ ବର୍ଷ ପରେ ମଧ ଖଣି ବିଭାଗ ଏହି ଲୁହାପଥର କୁ ଜବତ କରି ନିଲାମ କରି ନ ଥିବାରୁ ମାଫିଆ ଙ୍କ ଲୋଲୁପ ଦୃଷ୍ଟି ଲୁହାପଥର ଉପରେ ପଡିଛି ଉକ୍ତ ସ୍ଥାନରେ ବହୁ ପରିମାଣ ର ଲୁହାପଥର ଗଛିତ ଥିଲା । ଗତ ବର୍ଷ ଖଣି ବିଭାଗ ଉକ୍ତ ଷ୍ଟକ୍ ର ଯାଞ୍ଚ କରିବାରୁ ସେଠାରେ ପ୍ରାୟ ୪ ହଜାର ମେଟ୍ରିକ୍ ଟନ୍ ଗୁଣ୍ଡ ଲୁହାପଥର ଥିବା ସୂଚନା ଦେଇଛି ।ତେବେ ଉକ୍ତ ଖଣିଜ ର ରକ୍ଷଣା ବେକ୍ଷଣା ହେଉ ନ ଥିବାରୁ ତଥା ଖଣି ବିଭାଗ ନିଲାମ କରୁ ନ ଥିବାରୁ ଖଣି ମାଫିଆ ମାନେ ଲୁହାପଥର ଚୋରା ଚାଲାଣ କରି ମୟଲାମୟଲ ହେଉଥିବା ବେଳେ ସରକାରଙ୍କ ରାଜସ୍ୱ ହାନି ଘଟୁଛି।

## ଲଘୁଚାପ ଜନିତ କ୍ଷତିଗ୍ରସ୍ତ ଚାଷୀଙ୍କ ଅନଲାଇନରେ ଅଭିଯୋଗ ର ସୁବିଧା

ଆସିକା (ମହାଭାରତ): ଆସିକା ତହସିଲ କାର୍ଯ୍ୟାଳୟ ପରିସରରେ ଲଘୁଚାପ ଜନିତ ବର୍ଷା ରେ କ୍ଷତିଗ୍ରସ୍ତ ଚାଷୀ ରାଜସ୍ୱ ନିରୀକ୍ଷକ କାର୍ଯାଳୟରେ ଅନଲାଇନ ସୁଭିଧା ମିଳିବ ଲ ଆସିକା ତହସିଲ କାର୍ଯ୍ୟାଳୟ ଠାରେ ଆସିକା ତହସିଲଦାର ସଂଗୀତା ସେନ ଙ୍କ ଅଦକ୍ଷତାରେ ଆୟୋଜିତ ବୈଠକ ରେ ଆସିକା ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ରାଜସ୍ୱ ପରିଦର୍ଶକ, ରାଜସ୍ୱ ନିରୀକ୍ଷକ, ଅମିନ, କ୍ଷେତ୍ର ଅଧିକାରୀ, ଗ୍ରାମ୍ୟ କୃଷି କର୍ମୀ ପ୍ରମୁଖ ଉପସ୍ଥିତ ଥଲେ। ଚଳିତ ଲଘୁଚାପ ବର୍ଷା ରେ ଚାଷୀ ମାନଙ୍କ ଫସଲ କ୍ଷତିକୁ ଆକଳନ ପାଇଁ ଅନ ଲାଇନ ରେ ନିକଟସ୍ଥ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ କୁ ଆସି, ସଠିକ ସମୟ ରେ ଅଭିଯୋଗ ପଞ୍ଜିକରଣ କରି ପାରିବେୟ ଆଜିର ଏହି ବୈଠକ ରେ ବହୁ ସରପ□, ସମିତି ସଭ୍ୟ, ପଂଚାୟତ ପ୍ରତିନିଧି,ପ୍ରମୁଖ ଯୋଗ ଦେଇଥିଲେ। ଚାଷୀ ମାନଙ୍କ ଚାଷ ର କ୍ଷତି ଅକାଳନ ସମୟରେ କୌଣସି ଶୁଳ୍କ ଦେବାକୁ ପଡିବ ନାହିଁ । ମାସର ଶେଷ ଶନିବାର ଏବଂ ରବିବାର ଛୁଟି କୁ କେନସଲ କରିଛନ୍ତି ବ୍ଲକ ଓ ତହସିଲ ପ୍ରଶାସନ । ପଂଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କୁ ମଧ ଏହାର ଦାୟିତ୍ୱ ଦିଆଯାଇଛି।

## ବିଜେଡି ପ୍ରତିଷ୍ଠା ଦିବସ ପାଳିତ

### ନବୀନ ବାବୁଙ୍କ ହାତମୁଠା ଟାଣ କରିବାକୁ ସମୂହ ସଂକଳ୍ପ

କେନ୍ଦ୍ରାପଡ଼ା,(ମହାଭାରତ): ଗୁରୁବାର କେନ୍ଦ୍ରାପଡା ବିଧାନସଭା ନିର୍ବାଚନ ମଣ୍ଡଳୀ ତରଫରୁ ବିଜେଡିର ୨୮ତମ ଜନ୍ମତିଥି ମୁନିସିପାଲିଟି ଟାଉନ୍ ହଲଠାରେ ଜିଲ୍ଲା ସଭାପତି ଧିରେନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଜନ୍ମ ଉତ୍ସବ ପାଳନ ପୂର୍ବରୁ ନୂଆ ବସ୍‌ଷ୍ଟାଣ୍ଡ ଓ ଖଡିଅଙ୍ଗଠାରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ସଭା ଆରମ୍ଭରେ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ଭାବଗ୍ରାହୀ କଳା ନିକେତନ ତରଫରୁ ସଙ୍ଗୀତକାର ବିମଳ ପରିଡାଙ୍କ ନେତୃତ୍ୱରେ ବନ୍ଦେ ଉତ୍କଳ ଜନନୀ ଓ ପରେ ନବୀନ ସଙ୍ଗୀତ ପରିବେଷଣ ହୋଇଥିଲା । ଦିବଂଗତ ନେତା ପୂର୍ବତନ ସାଂସଦ ପ୍ରଭାତ ସାମ'ରାୟ, ପୂର୍ବତନ ବିଧାୟକ ଉତ୍କଳକେଶରୀ ପରିଡା, ଗାଙ୍ଗପଡା ସମିତି ସଭ୍ୟା ସନ୍ଧ୍ୟାରାଣୀ ସେଠୀ, ପାର୍ଥସାରଥି ସ୍ୱାଇଁ, ବୃନ୍ଦାବନ ମିଶ୍ର, ପୂର୍ବତନ ପୌରାଧକ୍ଷ ପ୍ରବୀର ପ୍ରଧାନ, ଦେବଦାସ ମହାନ୍ତି, ସାରଦା ପ୍ରସାଦ ଦାସ, ଶୈଳେନ୍ଦ୍ର ନାରାୟଣ ଦାସ ପ୍ରମୁଖ ବିଜୁବାବୁଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ବିଜେଡିର ଏହି କାର୍ଯ୍ୟକ୍ରମରେ ୧୭ଜଣ ବିଶିଷ୍ଟ ନେତାଙ୍କୁ ଦଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସମ୍ବର୍ଦ୍ଧିତ ନେତାମାନଙ୍କ ମଧ୍ୟରେ ଅଦ୍ୱୈତ ପ୍ରସାଦ ଜେନା, ଆୟବାର ବିଜୟ କୁମାର ସ୍ୱାଇଁ, ଚାରିଗାଁର କଳାକାର ମଲ୍ଲିକ, ସାନମାଣତିଆର ସୁବାଷ ବିଶ୍ୱାଳ, କେଶପୁରର ବାସନ୍ତୀ ବେହେରା, ଡିହାପଡାର ବୈକୁଣ୍ଠନାଥ ସେନାପତି, ସେକ ଲିଆକତ ଅଲ୍ଲୀ, ସୁବନି ସାହୁ, ସରପଞ୍ଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଜିଲ୍ଲା ପରିଷଦ ସଭ୍ୟା ନିର୍ମଳା ମହାନ୍ତି, ପୂର୍ବତନ ସରପଞ୍ଚ ଗୋବର୍ଦ୍ଧନ ମଲ୍ଲିକ, କପାଳେଶ୍ୱର ପଞ୍ଚାୟତର ବିଜୟ ପତି, କେନ୍ଦ୍ରାପଡାର ସୟଦ ଅକମଲ ଅଲ୍ଲୀ, ପୂର୍ବତନ ପୌରସଭ୍ୟ ଦୁର୍ଗା ପତି, ପୂର୍ବତନ ପୌରସଭ୍ୟା ବାହାଲି ଟୁଡୁ, ପୂର୍ବତନ ପୌର ସଭ୍ୟ ଗୋପୀନାଥ ବାରିକ । ବିଜେଡି ଦଳ ଓଡିଶାବାସୀଙ୍କ ସ୍ୱାଭିମାନର ପ୍ରତୀକ ଏବଂ ଓଡିଶାର ବିକାଶ ପାଇଁ ସମର୍ପିତ ବିଜେଡିକୁ ରାଜ୍ୟବାସୀ ଆଶୀର୍ବାଦ କରିବା ସହ ବିଧାୟକ ଗଣେଶ୍ୱର ବେହେରାଙ୍କୁ କେନ୍ଦ୍ରାପଡାରେ ଶକ୍ତିଶାଳୀ କରିବାକୁ ପଞ୍ଚାସୀନ ସମସ୍ତ ନେତା ତଥା ବିଜେଡିର ପ୍ରମୁଖ ସଂଗଠକମାନେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡା ଜିଲ୍ଲା ବିଜେଡି ସଭାପତି ଧିରେନ କୁମାର ସାହୁ, ପୌରାଧକ୍ଷା ସରିତା ସାହୁ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, ରବୀନ୍ଦ୍ର ପଣ୍ଡା, ସ୍ୱୟଂପ୍ରଭା କର, ଜିଲ୍ଲା ଯୁବ ସଭାପତି ରାଜେଶ ଦାସ, ଜିଲ୍ଲା ପରିଷଦ ଅଧକ୍ଷା ଲିଲିତା ଦାସ, ପୂର୍ବତନ ନଗର ସଭାପତି ରାଜେଶ ମହାନ୍ତି, ବ୍ଲକ ମହିଳା ସଭାନେତ୍ରୀ ସୁମିତ୍ରା ପାଢୀ, କାଳୀ ପ୍ରସାଦ ମିଶ୍ର, ସ୍ୱାଧୀନ ନାୟକ, ରବି ସାମଲ, କୈଳାସ ଚନ୍ଦ୍ର ସେଠୀ, ପ୍ରତାପ ମହାପାତ୍ର, ପ୍ରଦୀପ୍ତ କୁମାର ମହାନ୍ତି, ଦୁର୍ଗାଶିଷ ମହାନ୍ତି, କଳାକାର ମଲ୍ଲିକ, ସେକ୍ ଚନ୍ଦନ, ମୁକ୍ତାର ଖାଁ, ଶିବ ପ୍ରସାଦ ବଳ, ନଗର ସଭାପତି ମାନସ ପରିଡା, ପୌର ଉପାଧକ୍ଷା ଆକବରୀ ଖାତୁନ, ନିର୍ମଳା ମହାନ୍ତି, ରଶ୍ମିରନ ରାଉତ, ଜିଲ୍ଲା ବିଜେଡି ସମ୍ପାଦକ ରାଜୁ କୁବେର ନିଜର ବକ୍ତବ୍ୟ ରଖିଥିଲେ । ରାଜ୍ୟ ବିଜେଡି ରାଜ୍ୟ ସମ୍ପାଦକ ରିତ ସାହୁ,କାଉଁସିଲର ଚୈଧୁରୀ ସୁକୁମାର ଦାସ, ସମ୍ପିତ ଶ୍ରୀ ଚନ୍ଦନ ପରିଚାଳନାରେ ସହଯୋଗ କରିଥିଲେ । ବିଜେଡିର ଏହି କାର୍ଯ୍ୟକ୍ରମରେ ବହୁ ନେତା ଓ କର୍ମୀ ତଥା କାଉଁସିଲର ଉମେଶ ନାୟକ, ହୁିବଜୁର ରହେମାନ, ଧନେଶ୍ୱର ପ୍ରଧାନ, ଶଶାଙ୍କ ଶେଖର, ପୂର୍ଣ୍ଣଚନ୍ଦ୍ର ନାୟକ, ନିରନ ବାରିକ, ଅଭିଷେକ ବିଶ୍ୱାଳ, ଚନ୍ଦନ ସାହୁ, ସତ୍ୟପ୍ରକାଶ ରାଉତ(ପାକୁ),ପ୍ରଭାତ ସେଠୀ, କୈଳାସ ସେଠୀ, ଅଲେଖ ବାରିକ, ଜ୍ୟୋତିରନ ପରିଡା, ବିଶ୍ୱଜିତ୍ ମହାନ୍ତି, କେଦାର ବିଶ୍ୱାଳ, ଅନୁସୟା ନାୟକ, ଲୋପାମୁଦ୍ରା ବାରିକ, ସଙ୍ଗମ କେଶରୀ ସାମଲ, ପ୍ରକାଶ ସାହୁ, ଅଦ୍ୱୈତ ବିଶ୍ୱାଳ, ପ୍ରଦୀପ ସୂତାର, ପ୍ରଫୁଲ୍ଲ ଜେନା, ନାରାୟଣ ପଣ୍ଡା, ଅଜିତ୍ ପରିଡା, ଜିନତ ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ପୂର୍ବତନ ସମିତି ସଭ୍ୟ ସୁରେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## ୭ଦଫା ଦାବିରେ ବିଜେପି ପକ୍ଷରୁ ଜେଆଇପିଏଲ୍ ଫାଟକ ସମ୍ମୁଖରେ ଧାରଣା

### ପ୍ରତିଶ୍ରୁତି ପରେ ସ୍ଥଗିତ

କଣିହାଁ(ମହାଭାରତ ) ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଡେରଙ୍ଗ ସ୍ଥିତ ଜେଆଇପିଏଲ୍ ଫାଟକ ସମ୍ମୁଖରେ ଡେରେଙ୍ଗ ପଞ୍ଚାୟତ ବିଜେପି ପକ୍ଷରୁ ୭ଦଫା ଦାବିରେ ଗୁରୁବାର ଆନ୍ଦୋଳନ ହୋଇଥିଲା। ଏହି ଆନ୍ଦୋଳନକୁ ସଭାପତି ସୁମନ୍ତ ଚନ୍ଦ୍ର ମହାନ୍ତି ଓ ସମ୍ପାଦକ ସୁଜିତ ସାହୁଙ୍କ ନେତୃତ୍ୱରେ ହୋଇଥିଲା। ଡେରଙ୍ଗ ଗ୍ରାମପଞ୍ଚାୟତର ବେକାର ଯୁବକ ଯୁବତୀ ମାନଙ୍କୁ ମେଣ୍ଟାନାନସ ରେ ସ୍ଥାୟୀ ନିଯୁକ୍ତି, ଜିନ୍ଦଲ ରେ ସ୍ଥାୟୀ ନିଯୁକ୍ତି ପାଇଥିବା କ୍ଷତିଗ୍ରସ୍ତ ଯୁବକ ଯୁବତୀ ମାନଙ୍କର ମାସିକ ବେତନ ବୃଦ୍ଧି,ହର୍ଟିକଲଚରରେ କାର୍ଯ୍ୟରତ ଶ୍ରମିକ ମାନଙ୍କର ସରକାର ନିୟମ ଅନୁଯାୟୀ ପାରିଶ୍ରମିକ ବେତନ ଲାଗୁ କରାଯିବା, ପୂର୍ବ ପ୍ରତିଶୃତି ଅନୁଯାୟୀ ବିଛାପୁରୀ ମୌଜା ଭଜବାଲି ଜମିର ରେଟ୍ କୁ ତୁଳନା ଜରାଯାଇ ଆମକୁ ଅତିରିକ୍ତ ଏକର ପିଛା ଏକ ଲକ୍ଷ ଟଙ୍କାର ସୁଧ ସହିତ ପ୍ରଦାନ କରିବା,ପରିବାର ପ୍ୟାକେଜକୁ ତିନି ଲକ୍ଷ ବଦଳରେ ପନ୍ଦର ଲକ୍ଷ ଦେବା ,ପ୍ରକଳ୍ପ ପ୍ରଦୂଷଣକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଉ ଏବଂ ପଞ୍ଚାୟତର ପ୍ରତେକ ପରିବାର ସଦସ୍ୟଙ୍କୁ ଗୁଡ ଓ କଦଳୀ ପ୍ରଦାନ, ରାସ୍ତା ମରାମତି ସହିତ ପାନୀୟ ଜଳ ଓ ଆଲୋକିକରଣ କରାଯାଉ ବୋଲି ଦାବି ରେ ଏହି ଆନ୍ଦୋଳନ ହୋଇଥିଲା ବୋଲି ସୂଚନା ମିଳିଛି। ଆନ୍ଦୋଳନ ସ୍ଥଳରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ପହଞ୍ଚି



ସମର୍ଥନ ଜଣାଇଥିଲେ। ସକାଳ ୬ଟା ବିଜେପି କର୍ମୀ ଧାରଣାରେ ବସିଥିବା ବେଳେ ଅପରାହ୍ନରେ ଅତିରିକ୍ତ ତହସିଲଦାର, କଣିହାଁ ଥାନା ଆଇଆଇସି, ଜେଆଇପିଏଲ୍ କର୍ତୃପକ୍ଷ ପହଞ୍ଚି ଧାରଣାରତ ବିଜେପି କାର୍ଯ୍ୟକର୍ତ୍ତା ଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ୧୩ ତାରିଖ ରେ ଉପଜିଲ୍ଲାପାଳ ଉପସ୍ଥିତରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ ଦାବୀ ଉପରେ ଆଲୋଚନା କରିଯିବ ବୋଲି ନିଷ୍ପତି ହେଲା । ପରେ ଧାରଣା ପ୍ରତ୍ୟାହୃତ ହୋଇଥିବା ସୂଚନା ମିଳିଛି। ଏହି ଧାରଣାରେ ସନ୍ତୋଷ ନାଏକ , ଟିକିଏ ମହାନ୍ତି,ସନ୍ତୁ ବେହେରା, ପରମା ସାହୁ,ବିଛନ୍ଦ ସାହୁ ,ଅନିଲ୍ ସାହୁ, କଳାକାର ପ୍ରଧାନ, ପ୍ରଫୁଲ୍ଲ ସେଠୀ, କନ୍ଦର୍ପ ବେହେରା,ଫଳ ଉ ସାମଲ, ,ବୁଲୁ ସାହୁ ,ଅଜୟ ସାହୁ ,ଝୁନା ସାହୁ, ଅକ୍ଷୟ ନାଏକ, ସୁଶାନ୍ତ ଦାସ୍ ସମେତ ବହୁ ବିଜେପି କାର୍ଯ୍ୟକର୍ତ୍ତା ସାମିଲ୍ ହୋଇଥିଲେ।

## ୪ ମନ୍ଦିରରୁ କଳାକନା ବୁଲାଇଲେ ଚୋର

କପ୍ତିପଦା -(ମହାଭାରତ )-: କପ୍ତିପଦା - ମାତିଲେ ଲୁଟେରାୟ ରାତିରେ ୪ ମନ୍ଦିରରୁ କରିଲେ ଚୋରି। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା କପ୍ତିପଦା ବଜାରରେ। କପ୍ତିପଦା ବଜାରରେ ଥିବା ଲକ୍ଷ୍ମୀ ମନ୍ଦିର, ପାର୍ବତୀ ମନ୍ଦିର, ମଙ୍ଗଳା ମନ୍ଦିର ଏବଂ ଚଣ୍ଡୀ ମନ୍ଦିରରେ ଗତକାଲି ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ପଶି କରିଛନ୍ତି ଲୁଟ। ଦୁର୍ବୃତ୍ତ□ମାନେ ମନ୍ଦିର ମୁଖ୍ୟ ଗେଟ ତାଲା ଭାଙ୍ଗି ଭିତରେ ପଶି ଠାକୁରଙ୍କ ମୁକୁଟ, ନଥ, ଚିଓା ସହିତ ଅନ୍ୟ ପୂଜା ସାମଗ୍ରୀ ଲୁଟି ନେଇଛନ୍ତି। ଏହା ସହିତ ସମସ୍ତ ମନ୍ଦିର ର ହୁଣ୍ଡି ବାକ୍ସ ଭାଙ୍ଗି ଦାନ ଅର୍ଥ ମଧ ଦୁବୃତ୍ତ□ମାନେ ଲୁଟି ନେଇଛନ୍ତି। ଏକକାଳୀନ ୪ ଗୋଟି ମନ୍ଦିରରେ କଳାକନା ବୁଲାଇ ଦେଇଛନ୍ତି ଦୁର୍ବୃତ୍ତ ମନ୍ଦିର ଗୁଡିକରୁ ଲକ୍ଷାଧିକ ଟଙ୍କାର ରୂପା ସୁନା ଅଳଙ୍କାର ଏବଂ ନଗଦ ଟଙ୍କାକୁ ଲୁଟି ନେଇଛନ୍ତି ଦୁର୍ବୃତ୍ତ ଏହାକୁ ନେଇ ମନ୍ଦିର କମିଟି ପକ୍ଷରୁ କପ୍ତିପଦା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ନୂଆପଡ଼ା ଜିଲ୍ଲା ଖଡିଆଳ କାର୍ଯ୍ୟରତ ସାମ୍ବାଦିକ ପରିଷଦର ବୈଠକ ଅନୁଷ୍ଠିତ



ଖଡ଼ିଆଲ:(ମହାଭାରତ) ନୂଆପଡ଼ା ଜିଲ୍ଲା ଖଡିଆଳ କଲ୍ୟାଣ ମଣ୍ଡପ ୨ ଠାରେ ଖଡିଆଳ କାର୍ଯ୍ୟରତ ସାମ୍ବାଦିକ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ସାମ୍ବାଦିକ ଙ୍କ ସୁରକ୍ଷା, ସ୍ୱାଧୀନତା, ସମନ୍ୱୟ ଏବଂ ସହାନୁଭୂତି ରକ୍ଷା ଉଦ୍ଦେଶ୍ୟ ରେ ଗଠିତ ଏହି ଅନୁଷ୍ଠାନ ଆଗାମୀ ଦିନରେ ଏକ ପରିବାର ରୂପେ କାର୍ଯ୍ୟ କରିବ। ପରିଷଦ ରେ ୬ ଜଣିଆ ଏକ କୋର କମିଟି ଗଠନ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ତପନ ଦାଶ ସଂଯୋଜନ ଏବଂ ମୋତିଲାଲା ବାଗ ସହ-ସଂଯୋଜକ ଭାବରେ ମନୋନୀତ ହୋଇଛନ୍ତି। କୋର କମିଟି ସଦସ୍ୟ ରୂପେ ପରମେଶ୍ୱର ବାରିକ, ଯୋଗେଶ୍ୱର ସଗରିଆ, ରୁଦ୍ର ରାଜ ବାଗ ଏବଂ ଦେବାନନ୍ଦ ତାଣ୍ଡିଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରିଛନ୍ତି। ଏହି ପରିଷଦ ର କାର୍ଯ୍ୟକାଳ ୩ ବର୍ଷ ହୋଇଥିବା ବେଳେ ପ୍ରତ୍ୟେକ ବର୍ଷ ୨ ଗୋଟି ବୈଠକ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ହୋଇଅଛିୟ ସଭା ରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ବିଜୟ ସହିସ, ଆଦିତ୍ୟ ମହାଉତି, ସୁଜିତ ପ୍ରଧାନ, ସନ୍ତୋଷ ଦଣ୍ଡସେନା, କୁନାଲ ବେହେରା, ଯୁଗଳ ମହାନନ୍ଦ,ଶାମ୍ବ ସରାଫ, ବାପୀନା ସାହୁ, ସମେତ ଖଡ଼ିଆଲ ର ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ।

## ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ ର ପ୍ରସ୍ତୁତି ବୈଠକ ତିନିଦିନ ଧରି ଉତ୍ସବ ପାଇଁ ନିଷ୍ପତି

ଗୋଲାମୁଣ୍ଡା (ମହାଭାରତ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସ୍ତରୀୟ କଳାହାଣ୍ଡି ଉତ୍ସବ -୨୦୨୫ ର ପ୍ରସ୍ତୁତି ବୈଠକ ବ୍ଲକ କମ୍ୟୁନିଟି ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ଙ୍କ ଅଧ୍ୟକ୍ଷତାରେ ବିଡ଼ିଓ ଶ୍ରୀଧର ପଣ୍ଡା, ତହସିଲଦାର ଚନ୍ଦନ ନାୟକ,ବିଇଓ ଭବାନୀଶଙ୍କର ଯୋଶୀ, ଅଧ୍ୟାପକ ପ୍ରଦୀପ ମିଶ୍ର,ଦଶପୁର ସମିତି ସଭ୍ୟ ଦୁର୍ଗେଶ ସାହୁ ପ୍ରମୁଖ ମ□ସିନ ଥିବା ବେଳେ ପୋଲିସ ବିଭାଗ ଅଧିକାରୀ, ବନ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ,,କୃଷି ବିଭାଗ ଅଧିକାରୀ, ସିଡିପିଓ ବିଭିନ୍ନ ପଞ୍ଚାୟତ ର ସରପ□, ସମିତି ସଦସ୍ୟ, ଗଣ ମାଧ୍ୟମ ପ୍ରତିନିଧି ଗଣ, ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ ଉପସ୍ଥିତ ହୋଇ ବିଭିନ୍ନ ବିଭାଗର ପରିଚାଳନା କମିଟି ଗଠନ କରାଗଲା । ସର୍ବ ସମ୍ମତି କ୍ରମେ ଆସନ୍ତା ୨୦୨୫ ଜାନୁଆରୀ ମାସ ତା ୧୦,୧୧,୧୨ ତିନିଦିନ ଧରି ଗୋଲାମୁଣ୍ଡା ଶିବାଜୀ ଷ୍ଟାଡିୟମରେ ଅନୁଷ୍ଠିତ କରିବା ପାଇଁ ସ୍ଥିରୀକୃତ କରାଗଲା । ଉତ୍ସବକୁ ଲୋକ ଆକର୍ଷଣ କରିବା ପାଇଁ ବିଭିନ୍ନ ଲୋକ କଳା ପରିବେଷଣ କରିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ଲୋକ କଳା ନିମନ୍ତ୍ରଣ କରିବା ସହ ସିନେ ଜଗତର ଲୋକ ପ୍ରିୟ କଳାକାର ମାନଙ୍କୁ ନିମନ୍ତ୍ରଣ କରିବା ପାଇଁ ଆଲୋଚନା କରାଗଲା ତତ ସହିତ ମିନା ବଜାରର ଆୟୋଜନ କରାଯିବା ପାଇଁ ସ୍ଥିରୀକୃତ କରାଗଲା।

## ପୂର୍ଣ୍ଣ ଓ ଈଶ୍ୱର ହେଲେ ବିଧାୟକଙ୍କ ପ୍ରତିନିଧି

ଯୋଡା, (ମହାଭାରତ) ଚମ୍ପୁଆ ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ସନାତନ ମହାକୁଡଙ୍କ ପ୍ରତିନିଧି ଭାବେ ପୂର୍ଣ୍ଣଚନ୍ଦ୍ର ନାଏକ ଓ ଈଶ୍ୱର ଗିରିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଜଣାପଡିଛି। ଖଣି ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ସମାଧାନ ନିମନ୍ତେ ବିଧାୟକଙ୍କ ବଦଳରେ ପ୍ରଶାସନିକ ଅଧିକାରୀଙ୍କ ସହିତ ସମସ୍ତ ବୈଠକରେ ସେ ଯୋଗଦେବେ ବୋଲି ଶ୍ରୀ ମହାକୁଡ ପ୍ରଶାସନକୁ ଅବଗତ କରାଇଛନ୍ତି । ଈଶ୍ୱର ଗିରିଙ୍କୁ ବଡବିଲ ତହସିଲ କାର୍ଯ୍ୟାଳୟ ନିମନ୍ତେ ଦାୟିତ୍ୱ ଦିଆଯାଇଥିବା ବେଳେ ପୂର୍ଣ୍ଣଚନ୍ଦ୍ର ନାଏକଙ୍କୁ ଯୋଡା ପଞ୍ଚାୟତ ସମିତିର ସମସ୍ତ ବୈଠକରେ ଯୋଗଦେବା ପାଇଁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି । ପ୍ରଶାସନର ସମସ୍ତ ବିକାଶ ମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କ ସାଧାରଣ ସମସ୍ୟା ସମାଧାନ କ୍ଷେତ୍ରରେ ସେମାନେ ସହାୟକ ହେବେ ସହ ବିଧାୟକଙ୍କ ସହ ଯୋଗାଯୋଗରେ ରହିବେ ବୋଲି ଜଣାପଡିଛି । ପୂର୍ଣ୍ଣଚନ୍ଦ୍ର ନାଏକ ପୂର୍ବରୁ ଯୋଡା ପଞ୍ଚାୟତ ସମିତି ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଉଭୟ ଈଶ୍ୱର ଏବଂ ସେ ବିଧାୟକଙ୍କର ବିଶ୍ୱସ୍ତ ଭାବେ ରହିଆସିଥିଲେ । ଏହି ଦାୟିତ୍ୱ ବିଧାୟକ ପତ୍ର ମାଧ୍ୟମରେ ଯୋଡା ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଏବଂ ବଡବିଲ ତହସିଲଦାରଙ୍କୁ ଜଣାଇଛନ୍ତି ।

# ଆନ୍ନାମଲାଇଙ୍କ ଭିନ୍ନ ପ୍ରକାର ପ୍ରତିବାଦ

**ଚେନ୍ନାଇ,୨୭।୧୨(ଏଜେନ୍ସି):** ତାମିଲନାଡୁରେ ଡିଏମ୍‌କେ ଶାସନକୁ ବିରୋଧ କରି ନିଆରା ପ୍ରତିବାଦ କରିଛନ୍ତି ରାଜ୍ୟ ବିଜେପି ସଭାପତି କେ. ଆନ୍ନାମଲାଇ । ଆଜି(ଡିସେମ୍ବର ୨୭) ଗଣମାଧ୍ୟମ ସାମ୍ନାରେ ସେ ନିଜକୁ ୬ ଥର କୋରଡ଼ା ମାଡ଼ କରିଛନ୍ତି । ଦ୍ରାବିଡ଼ ମୁନ୍ନେତ୍ରା କାଜାଗାମ(ଡିଏମକେ) ରାଜ୍ୟରେ ଶାସନ କରୁଥିବାରୁ ଏହା ତାଙ୍କର ପ୍ରଥମ ପ୍ରାୟଶ୍ଚିତ ବୋଲି ସେ କହିଛନ୍ତି । ଗତକାଲି ସେ ଏପରି ପ୍ରାୟଶ୍ଚିତ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ ।



ଆଜି ସତକୁ ସତ ନିଜକୁ କୋରଡ଼ା ମାଡ଼ କରିଛନ୍ତି ଏହି ବିଜେପି ନେତା । ଆନ୍ନାମଲାଇ ଆଜି ଗଣମାଧ୍ୟମ ସାମ୍ନାରେ ଏଭଳି ପ୍ରତିବାଦ ଜଣାଇଥିଲେ । ଏକ ସବୁଜ ମୁଣ୍ଡୁ ପିନ୍ଧି ଖାଲି ଦେହରେ ଥିବା ନିଜକୁ ୬ଥର କୋରଡ଼ା ମାରିଥିଲେ । ଏହାପରେ ତାଙ୍କ କର୍ମୀମାନେ ଆସି ତାଙ୍କୁ ଧରି ପକାଇଥିଲେ । ତାଙ୍କୁ ସମର୍ଥନ କରିବା ପାଇଁ ଅନ୍ୟ ବିଜେପି କର୍ମକର୍ତ୍ତାମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ । ନିଜକୁ କୋରଡ଼ା ମାରିବା, ନିଜକୁ କଷ୍ଟ ଦେବା, ନିଜକୁ କଷ୍ଟକର ଧାର୍ମିକ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରିବା ଆମ ସଂସ୍କୃତିରେ ରହିଛି । ଏହା କାହା ବିପକ୍ଷରେ କିମ୍ବା କାହା ପାଇଁ ବିରୋଧ ପ୍ରଦର୍ଶନ ନୁହେଁ । ଏହା ରାଜ୍ୟରେ ଘଟୁଥିବା ଅନ୍ୟାୟ ବିରୁଦ୍ଧରେ ମୋର ଏକ ପ୍ରୟାସ । ଏଭଳି ଅନେକ ଘଟଣା ଘଟୁଛି । ଆନ୍ନା ବିଶ୍ୱବିଦ୍ୟାଳୟରେ ଯାହା ଘଟିଛି ତାହା ସେଥିମଧ୍ୟରୁ ଗୋଟିଏ ବୋଲି ଆନ୍ନାମଲାଇ କହିଛନ୍ତି ।

ଚେନ୍ନାଇର ଆନ୍ନା ବିଶ୍ୱବିଦ୍ୟାଳୟର ଇଂଜିନିୟରିଂ ବିଭାଗର ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ସହ ହୋଇଥିବା ଦୁଷ୍କର୍ମ ଘଟଣାକୁ ନେଇ ବର୍ତ୍ତମାନ ତାମିଲନାଡୁରେ ରାଜନୈତିକ ଉତ୍ତେଜନା ଲାଗି ରହିଛି । ଖବର ମୁତାବକ ଛାତ୍ରୀ ଜଣଙ୍କ ନିଜ ସିନିୟର ତୃତୀୟ ବର୍ଷର ପୁରୁଷ ବନ୍ଧୁଙ୍କ ସହ ବସିଥିଲେ । ଏହି ସମୟରେ ଅପରାଧିକ ପୃଷ୍ଠଭୂମି ଥିବା ଜ୍ଞାନଶେଖରନ ସେଠାରେ ପହଞ୍ଚି ସେମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ରେକର୍ଡ କରିଥିବା କହି ଧମକାଇଥିଲା । ଏହାପରେ ଛାତ୍ରୀଙ୍କ ପୁରୁଷ ବନ୍ଧୁ ସେଠାରୁ ଚାଲିଯିବାରୁ ଜ୍ଞାନଶେଖରନ ଛାତ୍ରୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏହାକୁ ବିରୋଧ କରି ବିଜେପି ଡିଏମକେ ଶାସିତ ସରକାରଙ୍କୁ କଡ଼ା ସମାଲୋଚନା କରୁଛି । ତାମିଲନାଡୁର ଉଭୟ ଶାସକ ବିରୋଧି ଦଳ ପରସ୍ପର ଉପରେ ଦୋଷ ଲଦାଲଦି ହେଉଛନ୍ତି ।

ଏହି ପରିପ୍ରେକ୍ଷିରେ ଗୁରୁବାର ଆନ୍ନାମଲାଇ ଏକ ସାମ୍ବାଦିକ ସମ୍ମିଳନି ଡାକି ସେଥିରେ ଡିଏମକେର ଶାସନ ବିରୁଦ୍ଧରେ ନିଜେ ନିଜକୁ କୋରଡ଼ା ମାଡ କରିବେ ବୋଲି ଘୋଷଣା କରିଥିଲେ । ଏହା ସହ ଡିଏମକେର ଶାସନ ରାଜ୍ୟରୁ ନହଟିବାଯାଏ ସେ ସ୍ଲିପର ଚପଲ ବ୍ୟବହାର କରିବେ ବୋଲି ଘୋଷଣା କରିଛନ୍ତି ।

## ଦିଲ୍ଲୀର କିଛି ସ୍ଥାନରେ ପ୍ରବଳ ବର୍ଷା,ଥଣ୍ଡା ପବନ ପ୍ରବାହିତ

ନୂଆଦିଲ୍ଲୀ,୨୭।୧୨-ଜାତୀୟ ରାଜଧାନୀ ଦିଲ୍ଲୀ ଏବଂ ସୀମାବର୍ତ୍ତୀ ରାଜ୍ୟର ସହରରେ ରହୁଥିବା ଲୋକଙ୍କୁ ଆଜି ସକାଳେ ଝିପିଝିପି ବର୍ଷାର ସମ୍ମୁଖୀନ ହେବାକୁ ପଡିଥିଲା । ଏହି ସମୟ ମଧ୍ୟରେ ଦିଲ୍ଲୀର ଅନେକ ସ୍ଥାନରେ ପ୍ରବଳ ବର୍ଷା ହୋଇଛି ।ଶୀତଳ ପବନ ପ୍ରବାହିତ ହେଉଛି ।ଏହି କାରଣରୁ ଶୀତ ଲହରର ପ୍ରଭାବ ଆହୁରି ବୃଦ୍ଧି ପାଇଛି ।ଭାରତ ପାଣିପାଗ ବିଭାଗ ଆଜି ଏବଂ କାଲି ଉତ୍ତର ପଶ୍ଚିମ ଏବଂ ମଧ୍ୟ ଭାରତରେ ବଜ୍ରପାତ,କୁଆପଥର ଏବଂ ମଧ୍ୟମ ଧରଣର ବର୍ଷା ହେବାର ପୂର୍ବାନୁମାନ କରିଛି ।ଭାରତ ପାଣିପାଗ ବିଭାଗ କହିଛି ଯେ ଆଜି ସକାଳ ୭.୨୩ ଟା ସମୟରେ ଦିଲ୍ଲୀରେ ତାପମାତ୍ରା ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି ।ସମଗ୍ର ମହାନଗରରେ ଥଣ୍ଡା ପବନ ପ୍ରବାହିତ ହେତୁ ପାଗ ଥଣ୍ଡା ହୋଇଛି ।ଏହି ଦୁଇ ଦିନ ମଧ୍ୟରେ ତାପମାତ୍ରାରେ ପରିବର୍ତ୍ତନ ଏବଂ ଘନ କୁହୁଡି ମଧ୍ୟ ଦେଖିବାକୁ ମିଳିପାରେ ।ଆଜି ସର୍ବାଧିକ ତାପମାତ୍ରା ୨୦ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲସିୟସ ପାଖାପାଖି ରହିବ ।ଦିଲ୍ଲୀର ଆକାଶରେଆଗାମୀ ୪୮ ଘଂଟା ପର୍ଯ୍ୟନ୍ତ ମେଘୁଆ ରହିବ ବୋଲି ପୂର୍ବାନୁମାନ କରାଯାଇଛି । ନୋଏଡାରେ ଆଜି ସର୍ବନିମ୍ନତାପମାତ୍ରା ୧୪ ଏବଂ ସର୍ବାଧିକ ୨୪ ଡିଗ୍ରୀ ସେଲସିୟସ ହେବ ବୋଲି ଆଶା କରାଯାଉଛି । ଗିରିଗ୍ରାମ ,ଫରୀଦାବାଦ,ସୋନୀପତ ଏବଂ ଗାଜିୟାବାଦର କିଛି ସ୍ଥାନରେ ସକାଳେ ଝିପିଝିପି ବର୍ଷା ହୋଇଥିଲା ।

# ଏଲଏସି ଛାଡ଼ିନି ଚୀନ

**ନୂଆଦିଲ୍ଲୀ,୨୭।୧୨:** ଲାଇନ୍ ଅଫ୍ ଆକ୍ଟୁଆଲ୍ କଣ୍ଟ୍ରୋଲ୍ (ଏଲଏସି) ଉପରେ ଭାରତ ଏବଂ ଚୀନ୍ ମଧ୍ୟରେ ଚାଲିଥିବା ବିବାଦ ଶେଷ ହେବାକୁ ଯାଉଛି । ଚୀନର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ପୂର୍ବ ଲଦାଖରେ ଚାଲିଥିବା ବିବାଦକୁ ବନ୍ଦ କରିବା ପାଇଁ ଭାରତ ଏବଂ ଚୀନର ସୈନ୍ୟବାହିନୀ ସମ୍ପୂର୍ଣ୍ଣ ଏବଂ ପ୍ରଭାବଶାଳୀ କାର୍ଯ୍ୟକାରୀ କରୁଛନ୍ତି ଏବଂ ଏ ବାବଦରେ ସ୍ଥିର ଅଗ୍ରଗତି ହୋଇଛି । ଭାରତୀୟ ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟ ଏହି ପ୍ରସଙ୍ଗରେ କହିଛି ଯେ ସେଠାରେ ସ୍ଥିତି ସ୍ଥିର ଅଛି କିନ୍ତୁ ସମ୍ବେଦନଶୀଳ ସ୍ଥିତିରହିଛି । ଚୀନ୍‌ପ୍ରତିରକ୍ଷା ମୁଖପାତ୍ର ସିନିୟର କର୍ଣ୍ଣେଲ ଝାଙ୍ଗ ଜିଆଓଗଙ୍ଗ ବେଜିଂରେ ଏକ ଗଣମାଧ୍ୟମରେ ସଂକ୍ଷିପ୍ତ ବକ୍ତବ୍ୟରେ ମନ୍ତବ୍ୟ ଦେଇଛନ୍ତି । ଯେତେବେଳେ ଡିସେମ୍ବର ୧୮ରେ ସ୍ୱତନ୍ତ୍ର ପ୍ରତିନିଧୀ ଦଳଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଏକ ପ୍ରଶ୍ନର ଉତ୍ତର ଦେଇଛନ୍ତି । ସେ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ଭାରତ ଏବଂ ଚୀନ୍ର ସେନ୍ୟ ଦଳ ଉଭୟ ପକ୍ଷ ମଧ୍ୟରେ ସୀମା ସମ୍ବନ୍ଧୀୟ ସମାଧାନକୁ ବ୍ୟାପକ ଏବଂ ପ୍ରଭାବଶାଳୀ ଭାବରେ କାର୍ଯ୍ୟକାରୀ କରୁଛନ୍ତି ଏବଂ ଏ ଦିଗରେ ସ୍ଥିର ଅଗ୍ରଗତି ହୋଇଛି ।



ଅକ୍ଟୋବରରେ ଉଭୟ ଦେଶ ମଧ୍ୟରେ ସହମତି ହୋଇଥିଲା । ସେ ଏହା ମଧ୍ୟ କହିଛନ୍ତି ଯେ, ନିକଟ ଅତୀତରେ ଦୁଇ ଦେଶର ନେତାଙ୍କ ମଧ୍ୟରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସହମତିଆଧାରରେ ଭାରତ ଏବଂ ଚୀନ୍ କୂଟନୈତିକ ଏବଂ ସାମରିକ ଚ୍ୟାନେଲ ମାଧ୍ୟମରେ ସୀମା ସ୍ଥିତିକୁ ନେଇ ଘନିଷ୍ଠ ଯୋଗାଯୋଗ ବଜାୟ ରଖିଛନ୍ତି ଏବଂ ବହୁତ ଅଗ୍ରଗତି କରିଛନ୍ତି । ଅକ୍ଟୋବର ୨୧ରେ ଭାରତ ଏବଂ ଚୀନ୍ ମଧ୍ୟରେ ହୋଇଥିବା ଚୁକ୍ତିନାମା ପରେ ଅଜିତ ଡୋଭାଲ ଏବଂ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ମଧ୍ୟରେ ସାକ୍ଷାତ କରି ଆଲୋଚନା ହୋଇଥିଲା । ଏପ୍ରିଲ୍ ୨୦୨୦ରେ ବିବାଦ ଆରମ୍ଭ ହେବା ପରେ ,ନେଇ ଆଲୋଚନା କରାଯାଇଥିଲା । ଅକ୍ଟୋବରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ବ୍ରିକ୍ସ ଶିଖର ସମ୍ମିଳନୀରେ ରୁଷିଆରେର କାଜାନରେ ସାକ୍ଷାତ କରି ଅକ୍ଟୋବର ୨୧ ଚୁକ୍ତିନାମାକୁ ଅନୁମୋଦନ କରିଥିଲେ । କର୍ଣ୍ଣେଲ ଝାଙ୍ଗ କହିଛନ୍ତି ଯେ, ଭାରତ-ଚୀନ୍ ସମ୍ପର୍କକୁ ସଠିକ୍ ପଥରେ ଆଣିବା ଜରୁରୀ । ଗୁରୁତ୍ୱପୂର୍ଣ୍ଣ ସହମତିକୁ ଆନ୍ତରିକତାର ସହ କାର୍ଯ୍ୟକାରୀ କରିବା ମଧ୍ୟ ଆବଶ୍ୟକ । ଭାରତ-ଚୀନ୍ ସାମରିକ ସମ୍ପର୍କକୁ ଅଧିକ ବିନିମୟ ଏବଂ ପାରସ୍ପରିକ ସମ୍ପର୍କ ପାଇଁ ପ୍ରୋତ୍ସାହିତ କରିବେ ଏବଂ ମିଳିତ ଅଞ୍ଚଳରେ ସ୍ଥାୟୀ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ରକ୍ଷା କରିବେ । ଏଥିପାଇଁ ଭାରତୀୟ ପକ୍ଷ ସହିତ ଆମେ ସହମତ ।

ଏ ବାବଦରେ ଭାରତ ପକ୍ଷରୁ ଏକ ସକାରାତ୍ମକ ପ୍ରତିକ୍ରିୟା ଆସିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ପ୍ରକୃତ ନିୟନ୍ତ୍ରଣ ଲାଇନରେ ଥିବା ସାମଗ୍ରିକ ସ୍ଥିତି ସ୍ଥିର କିନ୍ତୁ ସମ୍ବେଦନଶୀଳ ଅଟେ ଏବଂ ସମାନ ଏବଂ ପାରସ୍ପରିକ ସୁରକ୍ଷା ନୀତି ଆଧାରରେ ସ୍ଥଳ ସ୍ଥିତିକୁ ପୁନଃସ୍ଥାପିତ କରିବା ପାଇଁ ବ୍ୟାପକ ସହମତି ପ୍ରକାଶ ପାଇଛି । ପୂର୍ବ ଲଦାଖରେ ଗତ ଦୁଇଟି ବିବାଦୀୟ ସ୍ଥାନରୁ ଭାରତୀୟ ଏବଂ ଚୀନ୍ ସେନ୍ୟବାହିନୀର ଅବସର ପରେ କିଛି ସପ୍ତାହ ପରେ ମନ୍ତ୍ରଣାଳୟର ଏହି ବିବୃତି ଦିଆଯାଇଛି ।

# ମନମୋହନ ସିଂହଙ୍କ ଦେହାନ୍ତରେ ଆରଏସଏସର ଶୋକପ୍ରକାଶ

ନାଗପୁର, **୨୭।୧୨ :** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହଙ୍କ ଦେହାନ୍ତରେ ଗଭୀର ଶୋକ ପ୍ରକାଶ କରିବା ସହ ସମବେଦନା ଜଣାଇଛନ୍ତି। ସଂଘ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଛନ୍ତି ପ୍ରସିଦ୍ଧ ଅର୍ଥନୀତିଜ୍ଞ ଡା.ସିଂହଙ୍କ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଏକ୍ସ ହ୍ୟାଣ୍ଡଲରେ ସମବେଦନା ବାର୍ତ୍ତା ଜାରି କରିଛନ୍ତି। ସରସଂଘଚାଳକ ଡା.ମୋହନ ଭାଗବତ ଏବଂ ସରକାର୍ଯ୍ୟବାହ ଦତ୍ତାତ୍ରେୟ ହୋସବାଲେଙ୍କୁ ଉଦ୍ଧୃତ କରି ଏହା ଲେଖାହୋଇଛି ଯେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଏବଂ ଦେଶର ବରିଷ୍ଠ ନେତା ଡା.ସରଦାର ମନମୋହନ ସିଂହଙ୍କ ଦେହାନ୍ତରେ ସମଗ୍ର ଦେଶ ଗଭୀର ଦୁଃଖିତ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତାଙ୍କ ପରିବାର ତଥା ଅସଂଖ୍ୟ ପ୍ରିୟଜନ ଏବଂ ପ୍ରସଂଶକଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ସଂଘ ତାଙ୍କ ସମବେଦନା ବାର୍ତ୍ତାରେ କହିଛନ୍ତି ଯେ ଡା.ମନମୋହନ ସିଂହ ସାଧାରଣ ପୃଷ୍ଠଭୂମିରୁ ଆସିବା ସତ୍ତ୍ୱେ ଦେଶର ସର୍ବୋଚ୍ଚ ପଦବୀ ଗ୍ରହଣ କରିଛନ୍ତି। ପ୍ରସିଦ୍ଧ ଅର୍ଥନୀତିଜ୍ଞ ଡା.ସିଂହଙ୍କ ଅବଦାନ ଭାରତ ପାଇଁ ସର୍ବଦା ସ୍ମରଣୀୟ ତଥା ସମ୍ମାନିତ ରହିବ।ଆମେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛୁ ଯେ ସ୍ୱର୍ଗତ ଆତ୍ମାକୁ ସଦଗତି ପ୍ରଦାନ କରନ୍ତୁ।

# ବିମାନ ଦୁର୍ଘଟଣା ନେଇ ଋଷ-ୟୁକ୍ରେନ ଦୋଷ ଲଦାଲଦି

**ମସ୍କୋ,୨୭।୧୨:** ଆଜରବେଜାନ ବିମାନ କାଜାଖସ୍ତାନରେ ଦୁର୍ଘଟଣାଗ୍ରସ୍ତ ହେବା ଘଟଣା ଏବେ ନୂଆ ମୋଡ ନେଇଛି । ପାଶ୍ଚାତ୍ୟ ଗଣମାଧ୍ୟମ ଏବଂ ପାଶ୍ଚାତ୍ୟ ଦେଶ ଅଭିଯୋଗ କରୁଛନ୍ତି ଯେ ରୁଷିଆ କ୍ଷେପଣାସ୍ତ୍ର ମାଡ଼ରେ ଏଭଳି ଘଟିଛି । ତେବେ ରୁଷିଆ ପକ୍ଷରୁ ଏଭଳି ଆରୋପକୁ ଖଣ୍ଡନ କରିଛି । ପକ୍ଷୀ ବିମାନକୁ ଧକ୍କା ଦେଇଥିବାରୁ ଏହା ଘଟିଛି ବୋଲି ରୁଷିଆ ଦାବି କରିଛି । କିନ୍ତୁ ବିମାନର ପଛ ଭାଗରେ ଥିବା ଗୁଳିମାଡ଼ର ଚିହ୍ନ ଏବଂ ପାଶ୍ଚାତ୍ୟ ଦେଶ ତଥା ସେମାନଙ୍କ ଗଣମାଧ୍ୟମ ଏନେଇ ଆଉ କିଛି କହୁଛନ୍ତି । ବିମାନର ପଛ ଭାଗରେ ଗୁଳିମାଡ଼ ଚିହ୍ନ ଦୃଶ୍ୟମାନ ହେଉଛି । କୁହାଯାଉଛି ଯେ,ରୁଷିଆର ଭୂପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର ଏହାକୁ ତଳକୁ ଖସାଇ ଦେଇଛି । ତେବେ କ୍ରେମଲିନ୍ ଏହାକୁ ଅସ୍ୱୀକାର କରୁଛି । ଆମେରିକା ପ୍ରମାଣକୁ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କ ପ୍ରଶାସନ କହିଛି, ଏଥିରେ ଆମକୁ ଦୋଷ ଦେବା ଅର୍ଥହୀନ । ଏଥିରେ ଆମର ଦୋଷ ନାହିଁ । ଏହା ସମ୍ପୂର୍ଣ୍ଣ ମିଥ୍ୟା। ରୁଷିଆର ବିମାନ ଚଳାଚଳ ସଂସ୍ଥା ପକ୍ଷରୁ କୁହାଯାଇଛି ଯେ, ପକ୍ଷୀ ଆକ୍ରମଣ ପରେ ପାଇଲଟ ଜରୁରୀକାଳୀନ ଅବତରଣ କରିବାକୁ ନିଷ୍ପତ୍ତି ନେଇଥିଲେ, କିନ୍ତୁ ବିମାନଟି କାହିଁକି ସମୁଦ୍ର ଉପରେ ଗଲା ତାହା ଅଧିକାରୀମାନେ କହି ନାହାନ୍ତି । ସିଏନ୍ଏନ୍ ଅନୁଯାୟୀ, ଦକ୍ଷିଣ ରୁଷିଆରେ ଡ୍ରୋନ୍ ଆକ୍ରମଣର କିଛି ସମୟ ପରେ ଏହି ଦୁର୍ଘଟଣା ଘଟିଛି । ମିଡିଆ ହାଉସ କହିଛି, ୟୁକ୍ରେନରୁ ଡ୍ରୋନ୍ ଆକ୍ରମଣକୁ ଦୃଷ୍ଟିରେ ରଖି ଏହି ଅଞ୍ଚଳର ବିମାନବନ୍ଦରଗୁଡ଼ିକ ବନ୍ଦ ହୋଇସାରିଛି । ଏଥି ସହିତ ଆଜେରବେଜାନ ବିମାନର ବିମାନ ପଥ ନିକଟତମ ରୁଷିଆର ବିମାନ ବନ୍ଦର ବୁଧବାର ସକାଳେ ବନ୍ଦ ରହିଥିଲା । ୱାଲ୍ ଷ୍ଟ୍ରିଟ୍ ଜର୍ଣ୍ଣାଲରେ ପ୍ରକାଶିତ ଏକ ରିପୋର୍ଟରେ ବ୍ରିଟେନର ବିମାନ ଚଳାଚଳ ସୁରକ୍ଷା ସଂସ୍ଥା ଓସପ୍ରେ ଫ୍ଲାଇଟ୍ ସଲ୍ୟୁସନ୍ କହିଛି, ବିମାନଟି ବୋଧହୁଏ ରୁଷିଆର ସାମରିକ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଦ୍ୱାରା ଗୁଳି ଗ୍ରସ୍ତ ହୋଇଛି । ଧ୍ୱଂସାବଶେଷର ଭିଡିଓ ଏବଂ ଦକ୍ଷିଣ-ପଶ୍ଚିମ ରୁଷିଆର ବାୟୁସେନା ସୁରକ୍ଷା ପରିବେଶର ଆଖପାଖ ପରିସ୍ଥିତି ସୂଚାଇ ଦେଇଛି ଯେ ବିମାନଟି ଉପରେ କେଣସି ପ୍ରକାରର ଆକ୍ରମଣ ହୋଇଥିବାର ଆଶଙ୍କା ରହିଛି । ରଏଟର୍ସ କହିଛି, ପ୍ରାଥମିକ ଫଳାଫଳରୁ ଜଣାପଡିଛି, ବିମାନଟି ରୁଷିଆର ଏୟାର ଡିଫେନ୍ସ ସିଷ୍ଟମ ଦ୍ୱାରା ଗୁଳିଗ୍ରସ୍ତ ହୋଇଛି । ଗ୍ରୋଜନିରେ ପ୍ରବେଶ କରିବା ସମୟରେ ଏହା ଉପରେ ଇଲେକ୍ଟ୍ରୋନିକ୍ ଯୁଦ୍ଧ ପ୍ରଣାଳୀ ଦ୍ୱାରା ଆକ୍ରମଣ ହୋଇଥିବା ସୂତ୍ରରୁ ପ୍ରକାଶ । ଉତ୍ସ କହିଛି, 'ଏହା ଉଦ୍ଦେଶ୍ୟମୂଳକ ଭାବେ କରାଯାଇଛି ବୋଲି କେହି ଦାବି କରି ନାହାନ୍ତି । ରୁଷିଆ ଏକ ବିବୃତି ଜାରି କରି ସମସ୍ତ ଦାବିକୁ ମିଥ୍ୟା ଘୋଷଣା କରିଛି ଏବଂ ପ୍ରତ୍ୟେକ ଅନୁସନ୍ଧାନରେ ସହଯୋଗ କରିବ ବୋଲି କ୍ରେମଲିନ୍ ମଧ୍ୟ କହିଛି । ରୁଷିଆ। କହିଛି, ଅନୁମାନ କରିବା ଭୁଲ ଅଟେ। କ୍ରେମଲିନ୍ ମୁଖପାତ୍ର ଦିମିତ୍ରୀ ପେସ୍କୋଭ କହିଛନ୍ତି ଯେ, ବିମାନ ଦୁର୍ଘଟଣାର କାରଣର ଅନୁସନ୍ଧାନ ଚାଲିଛି ଏବଂ ଏହାର ଫଳାଫଳ ଆସିବା ପୂର୍ବରୁ ଅନୁମାନ କରିବା ଭୁଲ ଅଟେ । ୟୁକ୍ରେନ ଗଣମାଧ୍ୟମ କହିଛି, ରୁଷିଆ ଭୂପୃଷ୍ଠରୁ ବାୟୁ କ୍ଷେପଣାସ୍ତ୍ର ଦ୍ୱାରା ଗୁଳି ଚଳାଇଛି । ଭିଡିଓରେ ବିମାନର ଲାଞ୍ଜରେ ଆକ୍ରମଣ ଚିହ୍ନ ଦେଖିବାକୁ ମିଳିଛି ।




# କେନାଲରେ ବସ୍ ଖସି ୮ ମୃତ

**ନୂଆଦିଲ୍ଲୀ,୨୭।୧୨:** ପଞ୍ଜାବରେ ଆଜି ଏକ ବଡ ଦୁର୍ଘଟଣା ଘଟିଛି । ଏକ ବସ କେନାଲରେ ଖସିପଡିଥିବାବେଳେ ଏହି ଦୁର୍ଘଟଣାରେ ୮ ଜଣ ଯାତ୍ରୀଙ୍କର ମୃତ୍ୟୁ ହୋଇଯାଇଛି । ତେବେ ଗୁରୁତର ଆହତଙ୍କ ସଂଖ୍ୟା ଅଧିକ ଥିବାରୁ ମୃତ୍ୟୁ ସଂଖ୍ୟା ବଢିପାରେ ବୋଲି କୁହାଯାଉଛି । ଏହି ଦୁର୍ଘଟଣା ପଞ୍ଜାବ ବଠିଣ୍ଡାର ଜୀବନସିଂ ଗ୍ରାମରେ ଘଟିଛି। ଏପର୍ଯ୍ୟନ୍ତ ଆଠ ଜଣଙ୍କର ମୃତ୍ୟୁ ହୋଇଛି । ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଥିବା କୁହାଯାଉଛି । ରିପୋର୍ଟ ଅନୁଯାୟୀ ପୁଲିସ କହିଛି ଯେ ଆଜି ଏକ ଘରୋଇ ବସ୍ ବଠିଣ୍ଡାରୁ ତଲୱାଣ୍ଡି ସାବୋକୁ ଯାଉଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା । ବସଟି କେନାଲ ଭିତରକୁ ଖସିପଡିଥିବାବେଳେ ଏହା ଭିତରେ ଅନେକ ଯାତ୍ରୀ ଫସି ରହିଥିଲେ । ତେବେ ଦୁର୍ଘଟଣା ନେଇ ଜଣାପଡିବା ପରେ ସ୍ଥାନୀୟ ଲୋକ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଏହାପରେ ପୁଲିସ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟ ଉଦ୍ଧାର କାର୍ଯ୍ୟ ଆରମ୍ଭ କରି ଆହତମାନଙ୍କୁ ଡାକ୍ତରଖାନାକୁ ନେଇଥିଲେ । ବସ୍ ଦୁର୍ଘଟଣାରେ ଡ୍ରାଇଭରଙ୍କର ମଧ୍ୟ ମୃତ୍ୟୁ ଘଟିଛି । ଡ୍ରାଇଭର ଜଣକ ମାନସ ନିବାସୀ ବାଲକର ସିଂ ବୋଲି ଜଣାପଡିଛି । ଏଥି ସହିତ ଏହି ଦୁର୍ଘଟଣାରେ ପ୍ରାୟ ୨୦ ଜଣ ଲୋକ ଆହତ ହୋଇଥିବା ଜଣାଯାଇଛି, ଯେଉଁଥିରୁ ଅନେକଙ୍କ ଅବସ୍ଥା ଗୁରୁତର ରହିଛି । ଉଦ୍ଧାର ପାଇଁ ଏନଡିଆରଏଫ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛି । ବସ ଦୁର୍ଘଟଣାର କାରଣ ଜଣାପଡ଼ିନଥିବାବେଳେ ଭାରସାମ୍ୟ ହରାଇବାରୁ ବ୍ରିଜ ତଳକୁ ବସ ଖସିପଡିଥିବାର କୁହାଯାଉଛି ।



# ମାରାତ୍ମକ ରୋଗକୁ ନେଇ ଚିନ୍ତାରେ ବିଶେଷଜ୍ଞ

**ନୂଆଦିଲ୍ଲୀ,୨୭।୧୨:** ୨୦୨୫ରେ କୋଭିଡ୍ ଭଳି ଘାତକ ସାଜିବ ଆଉ ମାରାତ୍ମକ ରୋଗ । ଚିନ୍ତାରେ ସ୍ୱାସ୍ଥ୍ୟ ବିଶେଷଜ୍ଞ । ଏପର୍ଯ୍ୟନ୍ତ ଆସିଲାଣି ୬୧ ମାମଲା। ଆଗକୁ ଆହୁରି ବଢ଼ିପାରେ ସଂକ୍ରମିତଙ୍କ ସଂଖ୍ୟା । ଏଥିମଧ୍ୟରୁ ଅଧିକାଂଶ ସଂକ୍ରମିତ ମାମଲା ଚାଷୀ ଓ ସଂକ୍ରମିତ ପଶୁଙ୍କ ସଂସ୍ପର୍ଶରେ ଆସିବାରୁ ବ୍ୟାପିଥିଲା । ପକ୍ଷୀଙ୍କଠାରୁ ମଣିଷକୁ ହୁଏ ସଂକ୍ରମିତ । ସାରା ବିଶ୍ୱରେ ହାହାକାର ଖେଳାଇଥିଲା କୋଭିଡ୍ ମହାମାରୀ। କୋଭିଡରେ ଲକ୍ଷ ଲକ୍ଷ ମୃତ୍ୟୁବରଣ କରିଛନ୍ତି ସତ । କିନ୍ତୁ ମାଲେରିଆ, ଏଚଆଇଭି, ଟ୍ୟୁବରକୋଲସିସ ମଧ୍ୟ ଚିନ୍ତାର କାରଣ ହୋଇଛି । ଏହି ତିନୋଟି ରୋଗ ପାଇଁ ପ୍ରତି ବର୍ଷ ପ୍ରାୟ ୨୦ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥାଏ । ଏହିସବୁ ରୋଗର ମୁକାବିଲା ପାଇଁ ସାଧାରଣ ଭାବେ ଆଣ୍ଟିବାୟୋଟିକ୍ସ ଓ ଆଣ୍ଟିଭାଇରାଲ ଔଷଧର ବ୍ୟବହାର କରାଯାଏ ଯ କିନ୍ତୁ, ତଥାପି କିଛି କ୍ଷେତ୍ରରେ ଏହା କାମ ଦେଉନି । ଆଗାମୀ ଦିନରେ ବିଶେଷଜ୍ଞଙ୍କ ଚିନ୍ତା ବଢ଼ାଇବ ଆଉ ଏକ ମାରାତ୍ମକ ସଂକ୍ରାମକ ରୋଗ । ୨୦୨୫ରେ ଇନ୍ଫ୍ଲୁଏଞ୍ଜା ଭୂତାଣୁ ଚିନ୍ତାର କାରଣ ହେବ । ବିଶେଷଜ୍ଞଙ୍କ ମୁତାବକ, ଇନଫ୍ଲୁଏଞ୍ଜା-ଏର ଏକ ଉପସ୍ୱରୂପ ଏଚ୫ଏନ୧ ଆଗକୁ ମଣିଷଙ୍କୁ ସଂକ୍ରମିତ କରିବ । ଏହି ଭୂତାଣୁ ଜଙ୍ଗଲୀ ଓ ଗୃହପାଳିତ ପକ୍ଷୀଙ୍କ ଭିତରେ ସଂକ୍ରମିତ ହୋଇଥାଏ । ଆମେରିକାର କିଛି ରାଜ୍ୟରେ ଗୃହପାଳିତ ପଶୁ ତଥା ମଙ୍ଗୋଲୀୟ ଘୋଡ଼ାଙ୍କଠାରେ ସଂକ୍ରମିତ ହେବାର ଦେଖାଦେଇଛି । ପକ୍ଷୀଙ୍କ ଦ୍ୱାରା ସଂକ୍ରମିତ ହେଉଥିବା ଏହି ଭୂତାଣୁ ମଣିଷଙ୍କୁ ମଧ୍ୟ ସଂକ୍ରମିତ କରିପାରେ । ଚଳିତ ବର୍ଷ ଆମେରିକାରେ ୬୧ ମାମଲା ସାମ୍ନାକୁ ଆସିଛି । ଏହି ସଂକ୍ରମିତଙ୍କ ମଧ୍ୟରୁ ଅଧିକାଂଶ କୃଷି କ୍ଷେତ୍ର ତଥା ସଂକ୍ରମିତ ପଶୁଙ୍କ ସଂସ୍ପର୍ଶରେ ଆସିଥିଲେ । ସୁଜୁକି ମୋଟର କର୍ପୋରେସନର ପୂର୍ବତନ ଅଧ୍ୟକ୍ଷ ଓସାମୁ ସୁଜୁକିଙ୍କର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୪ ବର୍ଷ ହୋଇଥିଲା ।

# ମୋରୋକ୍କୋରେ ଡଙ୍ଗା ବୁଡି ୬୯ ମୃତ

**ନୂଆଦିଲ୍ଲୀ,୨୭।୧୨:** ପଶ୍ଚିମ ଆଫ୍ରିକାରୁ ସ୍ପେନ୍ ଅଭିମୁଖେ ଯାଉଥିବା ଏକ ଡଙ୍ଗା ମୋରୋକ୍କୋରେ ବୁଡ଼ିଯିବାରୁ ୬୯ ଜଣଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରୁ ୨୫ ଜଣ ମାଲିୟାନ ଥିଲେ । ଅସ୍ଥାୟୀ ଡଙ୍ଗାରେ ପ୍ରାୟ ୮୦ ଜଣ ଯାତ୍ରୀ ଥିଲେ, ସେମାନଙ୍କ ମଧ୍ୟରୁ ମାତ୍ର ୧୧ ଜଣ ଯାତ୍ରୀ ବଞ୍ଚି ଯାଇଛନ୍ତି । ଏନେଇ ମାଲି ଅଧିକାରୀମାନେ ସୂଚନା ଦେଇଛନ୍ତି । ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ୧୧ ଜଣଙ୍କ ମଧ୍ୟରୁ ୯ ଜଣ ମାଲିର ବୋଲି ଜଣାପଡ଼ିଛି । ଗତ ସପ୍ତାହରେ ଡଙ୍ଗାଟି ବୁଡ଼ିଯାଇଥିଲା, କିନ୍ତୁ ମାଲି ଏବେ ଏହାକୁ ନିଶ୍ଚିତ କରିଛନ୍ତି । ସ୍ଥିତି ଆକଳନ କରିବା ପାଇଁ ମାଲି ଏହାର କ୍ରାଇସିସ୍ ୟୁନିଟ୍ ପଠାଇଛି । ମାଲି ଦୀର୍ଘ ଦିନ ଧରି ଜିହାଦୀ ଏବଂ ବିଚ୍ଛିନ୍ନତାବାଦୀ ହିଂସାର ଶିକାର ହୋଇ ଆସୁଛି । ଫଳରେ ୨୦୨୦ ଓ ୨୦୨୧ରେ ଦେଶରେ ସାମରିକ ବିଦ୍ରୋହ ହୋଇଥିଲା । ସାମରିକ ସରକାର ମାର୍ଚ୍ଚ ୨୦୨୪ରେ ସାଧାରଣ ନିର୍ବାଚନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ନିର୍ବାଚନ ହୋଇନାହିଁ । ଦେଶର ସ୍ଥିତିକୁ ଦୃଷ୍ଟିରେ ରଖି ବହୁ ସଂଖ୍ୟକ ଲୋକ ବେଆଇନ ଭାବେ ୟୁରୋପରେ ପହଞ୍ଚିବା ପାଇଁ ଆଟଲାଣ୍ଟିକ୍ ମାର୍ଗ ବ୍ୟବହାର କରୁଛନ୍ତି ।



# ଶେଷ ହେଲା ସପ୍ତାହର ସେନ୍ସେକ୍ସ, ୨୭୦ ପଏଣ୍ଟ ବୃଦ୍ଧି

**ମୁମ୍ବାଇ,୨୭।୧୨:** ଡିସେମ୍ବର ୨୭, ଶୁକ୍ରବାର ଦିନ ଷ୍ଟକ ବଜାର ସୁଦୃଢ଼ ଭାବେ ବନ୍ଦ ହେବା ସହ ସପ୍ତାହ ଶେଷ ହୋଇଥିଲା । ଏହି ଦିନଟି ବିଶେଷ ଥିଲା କାରଣ ନିଫ୍ଟିର ଜାନୁଆରୀ ସିରିଜ୍ ଶକ୍ତିଶାଳୀ ଆରମ୍ଭ ହୋଇଥିଲା । ଦିନସାରା ବଜାରରେ ଉତ୍ସାହଜନକ ବାତାବରଣ ରହିଥିଲା ଏବଂ ଏଥିରେ ଅଟୋ ଓ ଫାର୍ମା ସେକ୍ଟର ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ସେନ୍ସେକ୍ସ ୨୭୦ ପଏଣ୍ଟ ବୃଦ୍ଧି ପାଇ ୭୮,୬୯୯ରେ ବନ୍ଦ ହୋଇଥିବା ବେଳେ ନିଫ୍ଟି ୬୩ ପଏଣ୍ଟ ବୃଦ୍ଧି ପାଇ ୨୩,୮୧୩ରେ ବନ୍ଦ ହୋଇଛି । ନିଫ୍ଟି ବ୍ୟାଙ୍କ ମଧ୍ୟ ୧୪୦ ପଏଣ୍ଟ ବୃଦ୍ଧି ପାଇ ୫୧,୩୧୧ରେ ବନ୍ଦ ହୋଇଛି । ତେବେ ଧାତୁ ଓ ତୈଳ ଓ ଗ୍ୟାସ ସୂଚକାଙ୍କ ହ୍ରାସ ପାଇଛି । ସକାଳୁ ସକାଳୁ ଶୁକ୍ରବାର ସେୟାର ବଜାର ସକାରାତ୍ମକ ଭାବେ ବନ୍ଦ ହୋଇଛି ।

# ଭାରତର ଅପ୍ରତ୍ୟାଶିତ ବ୍ୟାଟିଂ ବିପର୍ଯ୍ୟୟ

## ସ୍ମିଥ୍‌ଙ୍କ ଶତକରେ ଅଷ୍ଟ୍ରେଲିଆ ୪୭୭ : ଜୈସ୍ୱାଲ୍‌ଙ୍କ ୮୨, ଭାରତ ୫/୧୬୪





ମେଲବୋର୍ଣ୍ଣ, ୨୭।୧୨ : ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଐତିହାସିକ ମେଲବର୍ଣ୍ଣ ଷ୍ଟାଡିୟମରେ ବର୍ଡର-ଗାଭାସ୍କର ଟ୍ରଫିର ଚତୁର୍ଥ ମ୍ୟାଚ୍ ଖେଳାଯାଉଛି। ଗୁରୁବାର ଆରମ୍ଭ ହୋଇଥିବା ମ୍ୟାଚରେ ପ୍ରଥମେ ବ୍ୟାଟିଂ କରୁଥିବା ଅଷ୍ଟ୍ରେଲିଆ। ଆଜି (ଶୁକ୍ରବାର) ଦ୍ୱିତୀୟ ଦିନରେ ମଧ ଡ୍ରାଇଭିଂ ସିଟରେ ରହିଛି। ଆଜି ଘରୋଇ ଦଳ ପ୍ରଥମେ ୪୭୪ ରନରେ ସମସ୍ତ ୱିକେଟ ହରାଇଥିଲା। ଜବାବରେ ପ୍ରଥମ ଇନିଂସରେ ମୈଦାନକୁ ଓହ୍ଲାଇଥିବା ଭାରତ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା କେବଳ ୧୬୪ ରନ କରି ୫ଟି ବହୁମୂଲ୍ୟ ୱିକେଟ ହରାଇଛି। ଅର୍ଥାତ କଙ୍ଗାରୁ ଦଳଠୁ ଏବେ ୩୧୦ ରନ ପଛୁଆ ରହିଛି ଭାରତ। ଏକ ସମୟରେ ଭାରତ ଭଲ ସ୍ଥିତିରେ ଥିଲେ ହେଁ ଜୟସ୍ୱାଲଙ୍କ ରନ୍ ଆଉଟ୍ ଖେଳର ମୋଡ଼ ବଦଳାଇଦେଇଥିଲା।

ବକ୍ସିଂ ଡେ ଟେଷ୍ଟର ପ୍ରଥମ ଦିନରେ ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା ପ୍ରଥମ ଦିନରେ ଘରୋଇ ଦଳର ଶୀର୍ଷ ୪ଜଣ ବ୍ୟାଟର ଅର୍ଦ୍ଧଶତକ ହାସଲ କରି ଭାରତକୁ ବ୍ୟାକଫୁଟକୁ ଠେଲିଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ କିଛି ମାତ୍ରାରେ କମବ୍ୟାକ୍ କରିଥିଲା ଭାରତ। ତେବେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୬ଟି ୱିକେଟ ହରାଇ ଅଷ୍ଟ୍ରେଲିଆ। ୩୧୧ ରନ କରିଥିଲା ଅର୍ଦ୍ଧଶତକ ହାସଲ କରି ସାରିଥିବା ସ୍ମିଥ ଓ ଅଧିନାୟକ ପାଟ କମିନ୍ସ କ୍ରିଜରେ ମହଜୁଦ ରହିଥିଲେ।

ଆଜି ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ। ପକ୍ଷରୁ ମଧ ଚମତ୍କାର ଆରମ୍ଭ ଦେଖିବାକୁ ମିଳିଥିଲା ମଧାହ୍ନ ଭୋଜନ ବିରତି ପର୍ଯ୍ୟନ୍ତ ଦଳର ସ୍କୋର ୭ ୱିକେଟ ବିନିମୟରେ ୪୫୪ ରହିଥିଲା ତେବେ ମଧାହ୍ନ ଭୋଜନ ବିରତି ପରେ ୧୪୦ ରନର ଦମଦାର ପାଳି ଖେଳିଥିବା ଷ୍ଟିଭେନ ସ୍ମିଥ୍ ଆଉଟ୍ ହୋଇଥିଲେ। ଅଧିନାୟକ ପାଟ୍ କମିନ୍ସ ୪୯, ମିଚେଲ ଷ୍ଟାର୍କ ୧୫ ରନ୍ ଏବଂ ନାଥନ ଲାୟନ ୧୩ ରନ୍ କରି ପାଭିଲିୟନ ଫେରିଥିଲେ। ତେବେ ଅଷ୍ଟ୍ରେଲିଆ। ପାଳି ୪୭୪ ରନରେ ଶେଷ ହୋଇଥିଲା। ଏହି ପାଳିରେ ଭାରତ ପକ୍ଷରୁ ଷ୍ଟିଡଷ୍ଟାର ଜସପ୍ରୀତ ବୁମରା ଚମତ୍କାର ବୋଲିଂ କରି ସର୍ବାଧିକ ୪ ୱିକେଟ୍ ନେଇଥିଲେ। ଜାଡେଜା ୩ଟି ୱିକେଟ ହାସଲ କରିଥିବାବେଳେ ଆକାଶ ଦୀପ ୨ଟି ଓ ।ଶିଂଟନ ସୁନ୍ଦର ଗୋଟିଏ ସଫଳତା ପାଇଥିଲେ।

ଏହାପରେ ପ୍ରଥମ ପାଳି ଖେଳିବାକୁ ମୈଦାନକୁ ଓହ୍ଲାଇଥିଲା ଭାରତ। ଦଳ ପକ୍ଷରୁ ଯୁବ ଓପନର ଜୈସାଲଙ୍କ ସହ ପାଳି ଆରମ୍ଭ କରିଥିଲେ ଅଧିନାୟକ ରୋହିତ ଶର୍ମା ହେଲେ ଲୟ ଖୋଜି ପାଉନଥିବା ରୋହିତ କେବଳ ୩ ରନ କରି ଆଉଟ ହୋଇଥିଲେ। ଜୈସାଲଙ୍କ ସହ ମିଶି ଦଳୀୟ ସ୍କୋରକୁ ଆଗକୁ ବଢ଼ାଉଥିବା ରାହୁଲ ୨୪ ରନ କରି ଆଉଟ ହେବା ପରେ ଆସିଥିଲେ ବିରାଟ କୋହଲି ।ଅନ୍ୟପଟେ ଚମତ୍କାର ବ୍ୟାଟିଂ ଜାରି ରଖିଥିବା ଜୈସାଲ ୮୨ ରନ ସ୍କୋର କରିଥିବାବେଳେ ରନ୍ ଆଉଟ୍ ହୋଇ ଶତକରୁ ବଞ୍ଚିତ ହୋଇଥିଲେ।

ସେପଟେ କୋହଲି ଆରମ୍ଭ ଭଲ କରିଥିଲେ ମଧ ପୁଣି ପୂର୍ବ ପରି ଭୁଲ କରିଥିଲେ ସେ ସ୍କଟ ବୋଲାଣ୍ଡଙ୍କ ଓଭରରେ ଆଉଟ ଷ୍ଟମ୍ପ ବାହାର ବଲକୁ ଖେଳିବା ଚେଷ୍ଟା କରି କିପର ଆଲେକ୍ସ କ୍ୟାରୀଙ୍କ ହାତରେ ଧରା ପଡ଼ିଥିଲେ ।ଏହାପରେ ନାଇଟ ।ଚମ୍ୟାନ ଭାବେ ପାଳି ବଞ୍ଚାଇବାକୁ ଆସିଥିବା ଆକାଶ ଦୀପ ମଧ ଖାତା ନଖୋଲି ଆଉଟେ ହୋଇଯାଇଥିଲେ। ତେବେ ଆଜି ଦ୍ୱିତୀୟ ଦିନକର ଖେଳ ଶେଷ ହେବା ବେଳକୁ ଭାରତ ୪୬ ଓଭର ଖେଳି ୫ଟି ୱିକେଟ ହରାଇଥିବାବେଳେ କେବଳ ୧୬୪ ରନ କରିଛି ଋଷଭ ପନ୍ତ (୬) ଓ ରବୀନ୍ଦ୍ର ଜାଡେଜା (୪) କ୍ରିଜରେ ମହଜୁଦ ରହିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ବୋଲାଣ୍ଡ ଓ କମିନ୍ସ ୨ ଲେଖାଏଁ ୱିକେଟ ପାଇଛନ୍ତି।

## ଆଜିଠୁ ହକି ଇଣ୍ଡିଆ ଲିଗ୍

ରାଉରକେଲା, ୨୭।୧୨ : ଆସନ୍ତାକାଲିଠୁ ଆରମ୍ଭ ହୋଇଯିବ ହକି ଇଣ୍ଡିଆ। ଲିଗ୍। ବିଶ୍ୱର ସର୍ବବୃହତ ବିର୍ସା ମୁଣ୍ଡା ଷ୍ଟାଡିୟମରେ ପ୍ରଥମ ମ୍ୟାଚ୍ ଟିମ୍ ଗୋନାସିକା ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ମଧ୍ୟରେ ଖେଳାଯିବ। ପ୍ରତିଯୋଗିତା ପାଇଁ ମୋଟ୍ ୭ଟି ଦଳ, ଯଥା- ସୂର୍ମା ହକି କ୍ଲବ, ୟୁପି ରୁଦ୍ରସ୍, ହାଇଦ୍ରାବାଦ ତୁଫାନ୍ସ, ବେଦାନ୍ତ କଳିଙ୍ଗ ଲାନ୍‌ସସ୍‌ର୍, ଟିମ୍ ଗୋନାସିକା, ଶ୍ରାଚୀ ରା ବେଙ୍ଗଲ ଟାଇଗର୍ସ ଓ ଦିଲ୍ଲୀ ଏସ୍‌ଜି ପାଇପର୍ସ ରାଉରକେଲାରେ ପହଞ୍ଚିସାରିଛନ୍ତି। ଆଜି ସନ୍ଧ୍ୟାରେ ଅନ୍ତିମ ଦଳଭାବେ ତାମିଲନାଡ୍ରୁ ଡ୍ରାଗନ୍ସ ରାଉରକେଲାରେ ପହଞ୍ଚିଛି। ତାମିଲନାଡ୍ରୁ ଦଳରେ ଓଡ଼ିଆ ତାରକା ତଥା ଦୁଇଦୁଇଥର ଅଲିମ୍ପିକ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିବା ଅମିତ ରୋହିଦାସ ଅଛନ୍ତି।



ଗୁରୁବାର ଅପରାହ୍ନରେ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଟିମ୍ ଗୋନାସିକା ଓ ଶ୍ରାଚୀ ରା ବେଙ୍ଗଲ ଟାଇଗର୍ସ ମଧ୍ୟରେ ଏକ ପ୍ରାକ୍ଟିସ୍ ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିଥିଲା ଅଭ୍ୟାସ ମ୍ୟାଚ୍ ହୋଇଥିଲେ ସୁଦ୍ଧା ଏହା ବେଶ୍ ଉତ୍କଣ୍ଠାପୂର୍ଣ୍ଣ ହୋଇଥିଲା। ତେବେ ଏହି ମ୍ୟାଚ୍‌କୁ ଟିମ୍ ଗୋନାସିକା ୩-୦ ଗୋଲ୍‌ରେ ଜିତିନେଇଥିଲା।

ହକି ଇଣ୍ଡିଆ ଲିଗ୍ ଅବ୍ୟବହତି ପୂର୍ବରୁ ୬ଟି ଦଳର ଅଧିନାୟକ ଏକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।। ଏହି ୬ ଅଧିନାୟକଙ୍କୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଅପରପକ୍ଷରେ ପୂର୍ବରୁ ପହଞ୍ଚିସାରିଥିବା ବିଭିନ୍ନ ଦଳ କ୍ରୀଡ଼ାଭ୍ୟାସ ଆରମ୍ଭ କରିଦେଇଛନ୍ତି।

## ସଚିନଙ୍କୁ ପଛରେ ପକାଇଲେ ଜୈସଓ୍ୱାଲ୍

ମେଲବୋର୍ଣ୍ଣ, ୨୭।୧୨ : ଅଷ୍ଟ୍ରେଲିଆ। ବିପକ୍ଷ ବକ୍ସିଂ ଡେ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତର ଷ୍ଟାର ଓପନର୍ ଯଶସ୍ୱୀ ଜୈସାଲ ଦମଦାର ବ୍ୟାଟିଂ କରିଥିଲେ। ଐତିହାସିକ ମେଲବର୍ଣ୍ଣରେ ଖେଳାଯାଉଥିବା ଚତୁର୍ଥ ଟଷ୍ଟ ମ୍ୟାଚରେ ସେ ଶତକ ହାସଲ କରିବାରୁ ଅଳ୍ପ ଦୂରରେ ଅଟକିଯାଇଥିଲେ, ଏହା ସତେତ୍ୱ ସେ ତାଙ୍କ ନାମରେ ଏକ ବଡ଼ ରେକର୍ଡ ସୃଷ୍ଟି କରିଥିଲେ। କିମ୍ବଦନ୍ତୀ ମାଷ୍ଟର-ବ୍ଲାଷ୍ଟରଙ୍କ ଏକ ରେକର୍ଡକୁ ପଛରେ ପକାଇ ସେ ଟେଷ୍ଟ କ୍ରିକେଟରେ ଆଉ ଏକ ବଡ଼ ସଫଳତା ହାସଲ କରିଛନ୍ତି।



ଅଷ୍ଟ୍ରେଲିଆ। ସହ ଖେଳାଯାଉଥିବା ବକ୍ସିଂ ଡେ ଟେଷ୍ଟ ମ୍ୟାଚରେ ୮୨ ରନ୍‌ର ଇନିଂସ ଖେଳିବା ପରେ ଜୈସାଲ ରନ୍ ଆଉଟ୍ ହୋଇଯାଇଥିଲେ। ତେବେ ନିଜ ଇନିଂସରେ ସେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇ ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଟେଷ୍ଟ ରନ୍ ସଂଗ୍ରହ କରିଥିବା ଭାରତୀୟ ବ୍ୟାଟରଙ୍କ ତାଲିକାରେ ଯୋଡ଼ି ହୋଇଛନ୍ତି। ଏହି ରେକର୍ଡ ସହ ସେ କିମ୍ବଦନ୍ତୀ କ୍ରିକେଟର ବିଶ୍ୱନାଥଙ୍କୁ ମଧ ପଛରେ ପକାଇଥିଲେ ୧୯୭୯ରେ ବିଶ୍ୱନାଥ ଟେଷ୍ଟ କ୍ରିକେଟରେ ୧୩୮୮ ରନ୍ ସ୍କୋର କରିଥିଲେ ୨୦୦୨ରେ ସଚିନ ଟେଷ୍ଟ କ୍ରିକେଟରେ ୧୩୯୨ ରନ୍ ସ୍କୋର କରିଥିଲେ। ତେବେ ଆଜିର ପାଳି ପରେ ଜୈସାଲ ୨୦୨୪ରେ ଏପର୍ଯ୍ୟନ୍ତ ୧୩୯୪ ରନ୍ ସ୍କୋର କରିଛନ୍ତି।

ଗୋଟିଏ ବର୍ଷରେ ସର୍ବାଧିକ ଟେଷ୍ଟ ରନ ସ୍କୋର କରିଥିବା ଭାରତୀୟ ଖେଳାଳିଙ୍କ ତାଲିକାରେ ଏବେ ବି ଶୀର୍ଷରେ ରହିଛନ୍ତି ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର। ସେ ୨୦୧୦ରେ ଟେଷ୍ଟ କ୍ରିକେଟରେ ୧୫୬୨ ରନ ସ୍କୋର କରିଥିଲେ ଯାହା କୌଣସି ଭାରତୀୟ ବ୍ୟାଟରଙ୍କ କ୍ଷେତ୍ରରେ ସର୍ବାଧିକ। ଏହି ତାଲିକାରେ ଦ୍ୱିତୀୟରେ ଥିବା ବୀରେନ୍ଦ୍ର ସେହାଗ ୨୦୦୮ ରେ ୧୪୬୨ ରନ୍ ସ୍କୋର କରିଥିଲେ। ସେହିଭଳି ତୃତୀୟ ସ୍ଥାନରେ ମଧ ସେହ୍ୱାଗ୍ ଅଛନ୍ତି, ସେ ୨୦୧୦ରେ ଟେଷ୍ଟ କ୍ରିକେଟରେ ୧୪୨୨ ରନ୍ ସ୍କୋର କରିଥିଲେ। ଲିଟିଲ ମାଷ୍ଟର ସୁନୀଲ ଗାଭାସ୍କର ତାଲିକାର ଚତୁର୍ଥ ସ୍ଥାନରେ ଅଛନ୍ତି, ସେ ୧୯୭୯ରେ ୧୪୦୭ ରନ୍ ସ୍କୋର କରିଥିଲେ।

ବର୍ତ୍ତମାନ ଯଶସ୍ୱୀ ଜୈସୱାଲ ୨୦୨୪ରେ ଏପର୍ଯ୍ୟନ୍ତ ୧୩୯୪ ରନ୍ ସ୍କୋର କରିସାରିଛନ୍ତି। ତାଙ୍କ ନିକଟରେ ଏବେ ଗାଭାସ୍କରଙ୍କୁ ପଛରେ ପକାଇବାର ମଧ ସୁଯୋଗ ରହିଛି ।କାରଣ ମେଲବର୍ଣ୍ଣ ଟେଷ୍ଟର ଦ୍ୱିତୀୟ ଇନିଂସ ଏବେ ବି ବାକି ଅଛି ଏବଂ କିମ୍ବଦନ୍ତୀ ବ୍ୟାଟରଙ୍କୁ ପଛରେ ପକାଇବା ପାଇଁ ଜୈସାଲଙ୍କୁ ମାତ୍ର ୧୪ ରନ୍ ଆବଶ୍ୟକ।

## କୋହଲିଙ୍କ ପଛରେ ଅଷ୍ଟ୍ରେଲୀୟ ଗଣମାଧ୍ୟମ

ନୂଆଦିଲ୍ଲୀ ୨୭।୧୨:୧୯ ବର୍ଷୀୟ ଡେବ୍ୟୁଟାଣ୍ଟ ସାମ କନଷ୍ଟାସ୍‌ଙ୍କ ସହ ବିବାଦ ପରେ ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲିଙ୍କ ପଛରେ ପଡ଼ିଯାଇଛି ଅଷ୍ଟ୍ରେଲୀୟ ଗଣମାଧ୍ୟମ। ଋରିଆଡୁ ସମାଲୋଚନାର ଶିକାର ହୋଇଥିଲେ କୋହଲି ଏମିତିକି ମ୍ୟାଚ୍ ଫି ୨୦ ପ୍ରତିଶତ କଟିଥିଲା ଗୋଟିଏ ଡେରମିଣ୍ଟ ବି ଲାଗିଛି ତେବେ ଆଇସିସିର ଏହି ନିଷ୍ପତ୍ତିରେ ଅଷ୍ଟ୍ରେଲିଆ। ଗଣମାଧ୍ୟମ ଖୁସି ମନେ ହେବା ପରି ଲାଗୁନି କାରଣ ଅଷ୍ଟ୍ରେଲୀୟ ଖବରକାଗଜରେ ବିରାଟ କୋହଲିଙ୍କୁ ଟାର୍ଗେଟ କରାଯାଇଛି 'ପଶ୍ଚିମ ଅଷ୍ଟ୍ରେଲିୟା' ଖବରକାଗଜ କୋହଲିଙ୍କ ପାଇଁ 'କ୍ଲାଉନ୍' ଶବ୍ଦ ବ୍ୟବହାର କରିଥିଲା ଏହି ଖବରକାଗଜ ଶୀର୍ଷକ ରଖିଛି- କ୍ଲାଉନ୍ କୋହଲି ।

'ପଶ୍ଚିମ ଅଷ୍ଟ୍ରେଲିୟା' ଖବରକାଗଜରେ କୋହଲିଙ୍କୁ 'ସୁକ୍' (କାନ୍ଦୁଥିବା ବା ଭୟଭୀତ) ବୋଲି ମଧ ବର୍ଣ୍ଣନା କରାଯାଇଛି ସେହିଭଳି ଦୈନିକ ଟେଲିଗ୍ରାଫ୍ ଖବରକାଗଜ ବିରାଟ କୋହଲିଙ୍କ ଉପରେ ମଧ ଟାର୍ଗେଟ କରିଥିଲା ସାମ୍ କନଷ୍ଟାସ୍‌ଙ୍କୁ ପ୍ରଶଂସା କରି ଏହି ଖବରକାଗଜ ଶୀର୍ଷକ ପ୍ରକାଶ କଲା- 'କିଙ୍ଗ କୋନ୍'।

ଫକ୍ସ ସ୍ପୋର୍ଟସ୍ ଏହି ପ୍ରସଙ୍ଗରେ ଏକ ଆର୍ଟିକିଲ୍ ପ୍ରକାଶ କରିଛି, ସେ ଅତ୍ୟଧିକ ଗର୍ବିତ ହେବେ ନା ୱାଇଡ୍ ୱାର୍ଲ୍ଡ ଅଫ୍ ସ୍ପୋର୍ଟସ୍ (ଡବ୍ଲ୍ୟୁଡବ୍ଲୁଏସ୍) ଶୀର୍ଷକ ଲେଖିଛି, କୋହଲି କନଷ୍ଟାସ୍ ମାମଲାରେ ନିଷେଧାଦେଶରୁ ରକ୍ଷା ପାଇଛନ୍ତି। ଅନ୍ୟ ଏକ ଆର୍ଟିକିଲରେ ଷ୍ଟିଭ୍ ।ହଙ୍କ ଉଦ୍ଧେଶ୍ୟରେ କୁହାଯାଇଛି ଯେ ସେ ନିଷେଧାଦେଶକୁ ଏଡାଇବା ପାଇଁ ଅତ୍ୟଧିକ ଭାଗ୍ୟବାନ ଥିଲେ।

ସିଡନୀ ମର୍ନିଂ ହେରାଲ୍ଡ ଏହି ପ୍ରସଙ୍ଗକୁ ଭିନ୍ନ ଢଙ୍ଗରେ ଆଲୋକିତ କରିଥିଲେ ୨୦୧୮ରେ ବଲ୍ ଟାମ୍ପରିଂ ଦୁର୍ନୀତି ପରେ ଆଇସିସି ଆଚରଣ ବିଧିରେ ପରିବର୍ତ୍ତନ ହେତୁ କୋହଲିଙ୍କୁ କିପରି ବାରଣ କରାଯାଇ ନାହିଁ ବୋଲି କୁହାଯାଇଥିଲା। ୨୦୧୯ ପରଠାରୁ ବିରାଟ କୋହଲି ପ୍ରଥମ ଥର ପାଇଁ ଡେରିମିଟ୍ ପଏଣ୍ଟ ପାଇଛନ୍ତି।

ପୂର୍ବତନ ଅଧିନାୟକ ରିକି ପଣ୍ଟିଙ୍ଗ ଅସନ୍ତୁଷ୍ଟ ଦେଖାଯାଉଥିଲେ। ପଣ୍ଟିଙ୍ଗ ବିଶ୍ୱାସ କରନ୍ତି ଯେ ଏହି ଦଣ୍ଡ ବହୁତ ହାଲୁକା ଥିଲା । ପଣ୍ଟିଂ କହିଛନ୍ତି, 'ମୁଁ ଭାବୁନାହିଁ ଯେ ଦଣ୍ଡ କଠୋର ଥିଲା।

## ଭାରତ ବିପକ୍ଷରେ ଇତିହାସ ସୃଷ୍ଟି କଲେ ସ୍ମିଥ

ମେଲବୋର୍ଣ୍ଣ: ବର୍ଡର-ଗାଭାସ୍କର ସିରିଜର ଚତୁର୍ଥ ଟେଷ୍ଟରେ କଙ୍ଗାରୁ ଦଳର ବ୍ୟାଟ୍ସମ୍ୟାନ୍ ଷ୍ଟିଭ୍ ସ୍ମିଥ୍ ଭାରତ ବିପକ୍ଷରେ କ୍ୟାରିୟରର ୩୪ତମ ଶତପ ସ୍କୋର କରି ଇତିହାସ ସୃଷ୍ଟି କରିଛନ୍ତି କ୍ୟାରିୟରର ୧୧୪ତମ ଟେଷ୍ଟ୍‌ରେ ନିଜର ୩୪ତମ ଶତକ ହାସଲ କରି ସ୍ମିଥ ଟେଷ୍ଟ କ୍ରିକେଟରେ ୩୪ ଶତକ ହାସଲ କରିବାରେ ଦ୍ରୁତତମ ବ୍ୟାଟ୍ସମ୍ୟାନ୍ ହୋଇପାରିଛନ୍ତି। ସେ ନିଜ ଟେଷ୍ଟ କ୍ୟାରିୟରର ୩୪ତମ ଶତକକୁ ୧୬୭ ବଲରେ ସ୍କୋର୍ କରିଛନ୍ତି ମେଲବୋର୍ଣ୍ଣ ଟେଷ୍ଟ୍‌ରେ ସେ ୧୪୦ ରନ୍ କରିଛନ୍ତି ।




ସ୍ମିଥ୍ ବର୍ତ୍ତମାନ ଜୋ ରୁଟ୍‌ଙ୍କୁ ସହିତ ଟିମ୍ ଇଣ୍ଡିଆ। ବିପକ୍ଷରେ ସର୍ବାଧିକ ଟେଷ୍ଟ ଶତକ ହାସଲ କରିଥିବା ଖେଳାଳି ହୋଇପାରିଛନ୍ତି । ସ୍ମିଥ୍ ୪୩ତମ ଇନିଂସରେ ଭାରତ ବିପକ୍ଷରେ ଏକାଦଶ ଟେଷ୍ଟ ଶତକ ହାସଲ କରିଛନ୍ତି। ଇଂଲଣ୍ଡ ବ୍ୟାଟ୍ସମ୍ୟାନ୍ ରୁଟ୍ ଭାରତ ବିପକ୍ଷରେ ୧୦ ଶତକ ପାଇଁ ୫୫ ଇନିଂସ ଖେଳିଥିଲେ। ଏହି ତାଲିକାରେ ସାର୍ ଗାରଫିଲ୍ଡ ସୋବର୍ସ, ସାର୍ ଭିଭିଆନ୍ ରିଚର୍ଡସ୍ ଏବଂ ରିକି ପଣ୍ଟିଙ୍ଗ ମିଳିତ ଭାବେ ତୃତୀୟ ସ୍ଥାନରେ ରହିଛନ୍ତି।

ସ୍ମିଥ୍ ଭାରତ ବିପକ୍ଷରେ ବର୍ଡର-ଗାଭାସ୍କର ଟ୍ରଫି ଇତିହାସରେ ୧୦ ଶତକ ସ୍କୋର୍ କରିଥିବା ପ୍ରଥମ ଖେଳାଳି ହୋଇ ଇତିହାସ ସୃଷ୍ଟି କରିଛନ୍ତି। ଏହା ସହିତ ସ୍ମିଥ୍‌ଙ୍କ ନାମରେ ଏହି କ୍ରମରେ ଅଧିକ ଶତକ ସ୍କୋର୍ କରିବାର ରେକର୍ଡ ମଧ ପଞ୍ଜିକୃତ ହୋଇଛି। ଏହି ପ୍ରସଙ୍ଗରେ ସେ ଭାରତର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲିଙ୍କୁ ପଛରେ ପକାଇଛନ୍ତି।

ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ସ୍ମିଥ୍‌ଙ୍କର ଏହା ହେଉଛି ପଞ୍ଚମ ଶତକ ଏବଂ ଏହି ପ୍ରସଙ୍ଗରେ ସେ ସାର୍ ଆଲାନ୍ ବର୍ଡର, ବିଲ୍ ଲୋରି, ରିକି ପଣ୍ଟିଂ ଏବଂ ଗ୍ରେଗ ଋପେଲଙ୍କ ଭଳି କିମ୍ବଦନ୍ତୀଙ୍କୁ ପଛରେ ପକାଇଛନ୍ତି ଏମସିଜିରେ ସେମାନଙ୍କ ନାମରେ ଋରି ଶତକ ରେକର୍ଡ ରହିଛି। ସ୍ମିଥ୍‌ଙ୍କ ଶତକ ଅଷ୍ଟ୍ରେଲିଆକୁ ଏକ ଶକ୍ତିଶାଳୀ ସ୍ଥିତିରେ ରଖିଛି, ଯେଉଁଠାରେ ଦଳ ୪୭୪ ରନ୍ ସ୍କୋର୍ କରିଛି ।ସେ ଅଧିନାୟକ ପ୍ୟାଟ୍ କମିନ୍ସଙ୍କ ସହ ଭାରତୀୟ ବୋଲରଙ୍କ ବଲ୍ ଖେଳି ସପ୍ତମ ୱିକେଟ୍ ପାଇଁ ୧୦୦ ରନ୍ ଭାଗିଦାରୀ କରି ଦଳକୁ ମଜବୁତ କରିଛନ୍ତି।

## ରନଆଉଟ୍ ନେଇ ଇର୍ଫାନ-ସଞ୍ଜୟ କଥା କଟାକଟି

ନୂଆଦିଲ୍ଲୀ, ୨୭୧୨ : ଆଜିକାଲି ଚର୍ଚ୍ଚାରେ ଅଛନ୍ତି ଟିମ୍ ଇଣ୍ଡିଆର ଭେଟେରାନ କ୍ରିକେଟର ବିରାଟ କୋହଲି ।ପ୍ରଥମେ ଅଷ୍ଟ୍ରେଲିଆର ଡେବ୍ୟୁଟାଣ୍ଟ ସାମ୍ କନ୍‌ଷ୍ଟାସ୍‌ଙ୍କୁ ଧକ୍କା ମାରିବାକୁ




ନେଇ ସେ ଆଲୋଚନାରେ ଥିବା ବେଳେ ଏବେ ଟିମ୍ ଇଣ୍ଡିଆ। ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ରନ୍ ଆଉଟ୍ କରିବା ଲାଗି ଚର୍ଚ୍ଚା ବଢ଼ିଛି। କାରଣ ଯଶସ୍ୱୀ ଆଉଟ୍ ହେବା ସମୟରେ ବିରାଟ ବ୍ୟାଟିଂ କରୁଥିଲେ। ଉଭୟଙ୍କ ମଧ୍ୟରେ ତାଳମେଳ ଅଭାବ ଯୋଗୁ ଜୟସ୍ୱାଲ ନିଜର ଉଇକେଟ ହରାଇଥିଲେ। ଏହି ମାମଲାକୁ ନେଇ ଏବେ ଭାରତର ଦୁଇ ପୂର୍ବତନ କ୍ରିକେଟର ସଞ୍ଜୟ ମଞ୍ଜରେକର ଏବଂ ଇରଫାନ ପଠାନଙ୍କ ମଧ୍ୟରେ ଜୋରଦାର ବଚସା ହୋଇଛି।

ମଞ୍ଜରେକର ଯଶସ୍ୱୀଙ୍କ ଆଉଟ୍ ହେବାରେ କୋହଲିଙ୍କୁ ଦୋଷୀ ବୋଲି କହିଥିଲେ। ଏହା ସ୍କୁଲ ଏରର୍ ଥିଲା ବୋଲି ଅବିହିତ କରିଥିଲେ। ଏହା ପରେ ଇରଫାନ କହିଥିଲେ ଯେ, କ୍ରିକେଟର ସତ ହେଉଛି ଯେ ଯଦି କେହି କଟ୍ ମାରିଛନ୍ତି, ପଏଣ୍ଟ ଫିଲ୍ଡର ହାତକୁ ବଲ୍ ଯାଇଛି। ତେବେ ସେଠାରେ ଯିଏ କଲ୍ ଦିଏ ସେ ନନ୍ ଷ୍ଟାଇକର୍ ଥାଏ ଯିଏ ଷ୍ଟ୍ରାଇକ୍‌ରେ ଥାଏ ସେ ବି ଅନେକ ଥର ମନା କରିପାରେ। ଇରଫାନକୁ ମଝିରୁ ଅଟକାଇ ସଞ୍ଜୟ କହିଥିଲେ, ଏହା ପଏଣ୍ଟର କଥା, ଆମେ ପଛର କଥା ହେଉଛେ। ଏହାପରେ ଇରଫାନ କହିଥିଲେ ଯେ କଥା ସତ ଏବଂ ମିଛର ନୁହେଁ ମୁଁ ଯାହା କହୁଛି, ତାକୁ ତୁମେ ବୁଝୁନାହଁ। ଏଠାରେ କୋହଲି ଅଛନ୍ତି ବୋଲି କଥା ପଡ଼ିନାହିଁ। କାଲି କୋହଲିଙ୍କ ବିଷୟରେ କଥା ପଡ଼ିଥିଲା। ସେତେବେଳେ ଆମେ ଛିଡ଼ା ହୋଇ କଣ କରୁଥିଲେ। ଏହା ଶୁଣି ମଞ୍ଜରେକର ମୁହଁ ମୋଡ଼ି ଦେଇଥିଲେ। ଏପରିକି ଯଦି ତୁମେ ମୋତେ କଥା ହେବାକୁ ଦେବାକୁ ଋହୁଁନାହଁ ବୋଲି ତେବେ ଠିକ୍ ଅଛି। ଏହାପରେ ଇରଫାନ କିଛି କହିବା ମାତ୍ରେ ସେ ରାଗରେ ଲାଲ ପଡ଼ି ଯାଇଥିଲେ।

## ମନମୋହନଙ୍କୁ ଭାରତୀୟ କ୍ରିକେଟ ଦଳର ଶ୍ରଦ୍ଧାଞ୍ଜଳି

ମେଲବୋର୍ନ, ୨୭।୧୨: ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କର ଗୁରୁବାର ରାତିରେ ଦେହାନ୍ତ ହୋଇଛି ।ତାଙ୍କର ଦେହାନ୍ତ ଯୋଗୁ ସମଗ୍ର ଦେଶରେ ଶୋକାକୁଳ ପରିବେଶ ରହିଛି ।ତାଙ୍କ ମୃତ୍ୟୁକୁ ନେଇ ସାରା ବିଶ୍ୱରୁ ସମବେଦନା ବାର୍ତ୍ତା ଆସୁଛି। ମେଲବୋର୍ଣ୍ଣରେ ଅଷ୍ଟ୍ରେଲିଆ। ବିପକ୍ଷ ବର୍ଡର-ଗାଭାସ୍କର ସିରିଜର ଚତୁର୍ଥ ଟେଷ୍ଟ ଖେଳୁଥିବା ଟିମ୍ ଇଣ୍ଡିଆ। ମଧ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ।



ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ବକ୍ସିଂ ଡେ ଟେଷ୍ଟର ଦ୍ୱିତୀୟ ଦିନରେ ଭାରତୀୟ କ୍ରିକେଟ ଦଳ କଳା ବ୍ୟାଣ୍ଡ ପିନ୍ଧି ପଡ଼ିଆକୁ ଆସିଥିଲେ। ଏହି ଦୃଶ୍ୟ ଦର୍ଶକ ଏବଂ ପ୍ରଶଂସକଙ୍କ ପାଇଁ ଆଲୋଚନାର ବିଷୟ ପାଲଟିଥିଲା। ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିବାକୁ ଟିମ ଇଣ୍ଡିଆ ଏହି ପଦକ୍ଷେପ ନେଇଛି। ପଡ଼ିଆରେ ଖେଳାଳିମାନେ ପିନ୍ଧିଥିବା କଳା ବ୍ୟାଣ୍ଡ ଏହାର ପ୍ରତୀକ ଥିଲା ଯେ ଦଳ କେବଳ ଖେଳ ନୁହେଁ ଦେଶ ପ୍ରତି ମଧ ଦାୟିତ୍ୱ ଗ୍ରହଣ କରିଥାଏ। ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ନେତୃତ୍ୱରେ ଦଳ ଏହି ଦୃଢ ବାର୍ତ୍ତା ଦେଇଛି।

ସେହିପରି ଏହା ସହିତ ଟିମ୍ ଇଣ୍ଡିଆର ବହୁ ଖେଳାଳି ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରଲୋକରେ ସୋସିଆଲ ମିଡିଆରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ପୋଷ୍ଟ ସେୟାର କରିଛନ୍ତି। ପୂର୍ବତନ ଖେଳାଳି ହରଭଜନ ସିଂ, ଯୁବରାଜ ସିଂ, ବିରେନ୍ଦ୍ର ସେହ୍ୱାଗ, ଭିଭିଏସ୍ ଲକ୍ଷ୍ମଣ ପ୍ରମୁଖ ନିଜର ଶୋ ପ୍ରକାଶ କରିଛନ୍ତି।

ଡକ୍ଟର ମନମୋହନ ସିଂ ୨୬ ଡିସେମ୍ବର ୨୦୨୪ ନୂଆଦିଲ୍ଲୀରେ ୯୨ ବର୍ଷ ବୟସରେ ଦେହାନ୍ତ କରିଛନ୍ତି। ସେ ଭାରତର ଦୀର୍ଘତମ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରୁ ଜଣେ ଥିଲେ। ୨୦୦୪ ରୁ ୨୦୧୪ ପର୍ଯ୍ୟନ୍ତ ସେ ୟୁପିଏ ସରକାରର ନେତୃତ୍ୱ ନେଇଥିଲେ। ଏହାପୂର୍ବରୁ ୧୯୯୧ରେ ଅର୍ଥମନ୍ତ୍ରୀ ଭାବରେ ସେ ଭାରତର ଅର୍ଥନୈତିକ ସଂସ୍କାରର ମୂଳଦୁଆ ପକାଇଥିଲେ। ଯାହା ଦେଶର ବିକାଶ ଦିଗରେ ଏକ ବଡ ପଦକ୍ଷେପ ବୋଲି ବିବେଚନା କରାଯାଏ।

## ୨୦୨୪ରେ ବିଭିନ୍ନ ଫର୍ମାଟରୁ ବିଦାୟୀ କ୍ରିକେଟର

ନୂଆଦିଲ୍ଲୀ ୨୭।୧୨: କ୍ରୀଡାପ୍ରେମୀଙ୍କ ହୃଦୟ ଭାଙ୍ଗିଲେ କ୍ୟାରିୟରକୁ କହିଲେ ଅଲ୍‌ବିଦା ଦୀର୍ଘ ଦିନର ଯାତ୍ରାରେ ପକାଇଛନ୍ତି ପୂର୍ଣ୍ଣଚ୍ଛେଦ।୨୦୨୪ ଥିଲା ବିଶ୍ କ୍ରିକେଟରଙ୍କ କ୍ୟାରିୟରର ଶେଷ ବର୍ଷ ଦୀର୍ଘ ବର୍ଷ ଧରି ଫ୍ୟାନ୍ସଙ୍କ ହୃଦୟରେ ରାଜ କରୁଥିବା ପ୍ଲେୟର ପଡିଆରେ ଆଉ ଦେଖିବାକୁ ମିଳିବେନି। ଏମାନଙ୍କ ମଧ୍ୟରୁ ଏପରି କିଛି ପ୍ଲେୟର ଅଛନ୍ତି ଯାହାଙ୍କ ସନ୍ୟାସ ରହିଥିଲା ବେଶ ବିବାଦୀୟ।

ଲିଷ୍ଟର ପ୍ରଥମରେ ଅଛନ୍ତି ଟିମ୍ ଇଣ୍ଡିଆର ୩ ଷ୍ଟାର ପ୍ଲେୟର ୨୦୨୪ ଟି-ଟ୍ୱେଣ୍ଟି ୱାର୍ଲ୍ଡକପ୍ ଜିତିବା ପରେ ଟି-୨୦ରୁ ନେଇଛନ୍ତି ସନ୍ୟାସ। ଏହି ପ୍ଲେୟର ହେଉଛନ୍ତି ବିରାଟ କୋହଲି, ରୋହିତ ଶର୍ମା ଓ ରବିନ୍ଦ୍ର ଜାଡେଜା ଭାରତ ଦ୍ୱିତୀୟ ଥର ପାଇଁ ଟି-ଟ୍ୱେଣ୍ଟି ବିଶ୍‌କପ୍ ଜିତିବା ମାତ୍ରେ ବିରାଟ ଗ୍ରାଉଣ୍ଡ୍ ଭିତରେ ଅବସର ଘୋଷଣା କରି ଚକିତ କରିଦେଇଥିଲେ । ପରେ ପରେ ରୋହିତ ଓ ଜାଡେଜା ଅବସର ନେଇଥିଲେ । ଏମାନଙ୍କ ବ୍ୟାକ୍-ଟୁ-ବ୍ୟାକ୍ ଅବସର ନେବା ପାଲଟିଥିଲା ଚର୍ଚ୍ଚାର ବିଷୟ।

ଏହାପଛକୁ ରହିଛନ୍ତି ଟିମ୍ ଇଣ୍ଡିଆର ଲୋକପ୍ରିୟ ପ୍ଲେୟର ଶିଖର ଧାଓ୍ୱନ। ତାଙ୍କ ଅବସର ସମସ୍ତଙ୍କୁ ବ୍ୟଥିତ କରିଥିଲା। ଯୁବ ତାରକାଙ୍କ ଆର୍ବିଭାବ ପରେ ଧାଓ୍ୱନଙ୍କୁ ଅଣଦେଖା କରାଯାଇଥିଲା। ବେଶ୍ କିଛି ଦିନ ଅପେକ୍ଷା କରିବା ପରେ ଅଗଷ୍ଟ ୨୪ରେ ସେ ଉଭୟ ଘରୋଇ ଓ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ଘୋଷଣା କରିଥିଲେ। ଧାଓ୍ୱନ ଶେଷ ଥର ପାଇଁ ୨୦୨୨ ଡିସେମ୍ବରରେ ବାଂଲାଦେଶ ବିପକ୍ଷ ଦିନିକିଅ। ଶୃଙ୍ଖଳାରେ ଭାରତ ପାଇଁ ଖେଳିଥିଲେ ଏବଂ ଶୁଭମନ ଗିଲଙ୍କ ଆର୍ବିଭାବ ପରେ ତାଙ୍କୁ ଆଉ ଟିମ୍‌ରେ ସ୍ଥାନ ମିଳି ନଥିଲା।

ସେହିପରି ଟିମ୍ ଇଣ୍ଡିଆର ପୂର୍ବତନ ୱିକେଟ୍ କିପର ଦିନେଶ କାର୍ତ୍ତିକ ଆଇପିଏଲ୍ ସହ ସବୁ ଫର୍ମାଟରୁ ଅବସର ନେଇଥିଲେ । ନିଜର ୩୯ତମ ଜନ୍ମଦିନରେ ସେ ସୋସିଆଲ ମିଡିଆରେ ଏନେଇ ଘୋଷଣା କରିଥିଲେ। ତେବେ ଏମାନଙ୍କ ବ୍ୟତୀତ ନିକଟରେ ଅବସର ଘୋଷଣା କରିଛନ୍ତି। ରବିଚନ୍ଦ୍ରନ ଅଶ୍ୱିନ ।ସେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଶେଷରେ ହିଁ ବିଶ୍ୱ ପ୍ରସିଦ୍ଧ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ୟାସ ନେଇଛନ୍ତି। ଅଶ୍ୱିନଙ୍କ ବିଦାୟ ସହ ଏକ ପାରମ୍ପରିକ ଅଫ ସ୍ପିନ୍ ବୋଲିଂର ଯୁଗ ଶେଷ ହୋଇଯାଇଛି ।ଏମାନଙ୍କ ବ୍ୟତୀତ ୨୦୨୪ରେ ନ୍ୟୁଜିଲାଣ୍ଡର ଦ୍ରୁତ ବୋଲର ଟିମ୍ ସାଉଦି ଟେଷ୍ଟରୁ ଅବସର ଘୋଷଣା କରିଛନ୍ତି ସାଉଦି ଟେଷ୍ଟ କ୍ରିକେଟ୍‌ରେ ୩୯୧ଟି ୱିକେଟ୍ ନେଇଛନ୍ତି। ସେହିପରି ନ୍ୟୁଜିଲାଣ୍ଡର ଅନ୍ୟତମ ପେସ୍ ବୋଲର ନିଲ ୱାଗନର ମଧ ଚଳିତ ବର୍ଷ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘାଷଣା କରିଛନ୍ତି । ବିଶ୍ ଟେଷ୍ଟ ଋମ୍ପିଅନସିପ୍‌ରେ ଭାରତକୁ ହରାଇ ଟାଇଟଲ ଜିତିବା ପଛରେ ।ଗନରଙ୍କ ରହିଥିଲା ପ୍ରମୁଖ ଭୂମିକା।

ତେବେ ଏମାନଙ୍କ ବ୍ୟତୀତ ପ୍ରସିଦ୍ଧ ଇଂଲଣ୍ଡ ପେସ୍ ବୋଲର ଜେମ୍ସ ଆଣ୍ଡରସନଙ୍କ ବିଦାୟ ସାମାନ୍ୟ ବିବାଦୀୟ ରହିଥିଲା । ତାଙ୍କୁ ଅବସର ନେବା ପାଇଁ ଏକ ପ୍ରକାର ବାଧ କରାଯାଇଥିଲା । ତାଙ୍କ ଯୋଗୁଁ ଯୁବ ତାରକାଙ୍କୁ ସୁଯୋଗ ମିଳିପାରୁନଥିବା ଟିମ ମ୍ୟାନେଜମେଣ୍ଟ ଜଣାଇଥିଲା। ଶେଷରେ ଜୁଲାଇ ୧୨ରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ଲର୍ଡସ ଟେଷ୍ଟ ଖେଳି ଆଣ୍ଡରସନ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ବିଦାୟ ନେଇଥିଲେ ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ